ବର୍ଷ-୨୬, ସଂଖ୍ୟା-୨୪୮
ଭୁବନେଶ୍ୱର
୧୩, ସେପ୍ଟେମ୍ବର, ୨୦୨୬, ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 248
Bhubaneswar
13, September, 2026, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଭିତରକନିକାରେ ନଦୀ ସଫାରି ସୁବିଧା

**ଭୁବନେଶ୍ୱର,୧୨।୯ (ମହାଭାରତ):** ଭିତରକନିକା ଜାତୀୟ ଉଦ୍ୟାନରେ ନଦୀ ସଫାରି କରିବାର ସୁବିଧା ରହିଛି। ଦେଶର ଅଗ୍ରଣୀ କ୍ରୁଜ୍ ପରିଚାଳନାକାରୀ ସଂସ୍ଥା ଅନ୍ତରା କ୍ରୁଜେସ୍ ଏହି ସୁବିଧା ଗତ ଦୁଇ ବର୍ଷ ଧରି ଯୋଗାଇ ଦେଉଛି। ଏହାର ଚାରିଟି କାଟାମାରାନ ରହିଛି ଯେଉଁଥିରେ ଅତିଥି ଭାବେ ନଦୀ ସଫାରିର ମଜା ନେଇପାରୁଛନ୍ତି। କାଟାମାରାନଗୁଡିକ ହେଉଛି ଏମ୍‌ଭି ମହାନଦୀ, ଏମଭି ବ୍ରାହ୍ମଣୀ, ଏମ୍‌ଭି ବୈତରଣୀ ଓ ଏମ୍‌ଭି ଭିତରକନିକା। ପ୍ରତ୍ୟେକ ବୋଟ୍ ?ରେ ଦୁଇଟି ଉନ୍ନତମାନର କ୍ୟାବିନ୍ ରହିଛି ଯେଉଁଥିରେ ସର୍ବାଧିକ ଚାରିଜଣ ଯାତ୍ରୀ ରହିପାରିବେ। ନିରୋଳା ପରିବେଶ ଓ ନିଆରା ଛୁଟିର ଅନୁଭୂତି ଚାହୁଥିବା ତଥା ବନ୍ୟପ୍ରାଣୀ ପ୍ରେମୀଙ୍କୁ କମ୍ପାନି ହେନ୍ତାଳବନ ଭିତରେ ଯାତ୍ରା କରାଉଛି। ଏହି ଅବସରରେ କମ୍ପାନିର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ରାଜ ସିଂହ କହିଛନ୍ତି, ଆଫ୍ରିକାର ମାସାଇ ମାରା ଭଳି ବିଶ୍ୱପ୍ରସିଦ୍ଧ ଜଙ୍ଗଲ ଗନ୍ତବ୍ୟସ୍ଥଳୀଗୁଡିକ ସହିତ ଭିତରକନିକାକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ଆମର ମୁଖ୍ୟ ଲକ୍ଷ୍ୟ। ଏକ ନିର୍ମଳ ଓ ଅପହଂଚ ପ୍ରାକୃତିକ ପରିବେଶକୁ ଅତି ପାଖରୁ ଅନୁଭବ କରିବାର ସୁଯୋଗ ମିଳୁଥିବାରୁ ଉଭୟ ଦେଶୀ ଏବଂ ବିଦେଶୀ ପର୍ଯ୍ୟଟକମାନେ ଏହି ଯାତ୍ରାକୁ ବେଶ୍ ପ୍ରଶଂସା କରିଥିବା ସେ କହିଛନ୍ତି। କମ୍ପାନି ମହାନଦୀରେ ମଧ୍ୟ ସମାନ ଧରଣର ସୁବିଧା ଆରମ୍ଭ କରିବା ବିଷୟରେ ବିଚାର କରୁଛି। ଏନେଇ ପର୍ଯ୍ୟଟନ ବିଭାଗ ସହ ଯୋଗାଯୋଗରେ ରହିଛି।

## ନନ୍ଦନକାନନରେ ୧୪ ପ୍ରଜାତ ଜୀବଜନ୍ତୁ




**ଭୁବନେଶ୍ୱର,୧୨।୯(ମହାଭାରତ):** ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଗୁଜରାଟର ରାଧାକୃଷ୍ଣ ଟେମ୍ପଲ ଏଲିଫାଣ୍ଟ ୱେଲଫେୟାର ଟ୍ରଷ୍ଟ (ଜକଞରଡଞ) ତରଫରୁ ଦାନ ସ୍ୱରୂପ ୧୨.୦୯.୨୦୨୬ ରେ ୧୪ଟି ପ୍ରଜାତିର ମୋଟ ୫୮ଟି ଅନ୍ୟଦେଶୀୟ (ଏକ୍‌ସୋଟିକ୍) ଜୀବଜନ୍ତୁ ମିଳିଛନ୍ତି। ଜେବ୍ରା (୨ ଅହିରାଜ/ଅଣ୍ଡିରା, ୨ ମାଇ), କଙ୍ଗାରୁ (୨ ଅଣ୍ଡିରା, ୨ ମାଇ), ବେନେଟସ୍ ୱାଲାବି (୩ ଅଣ୍ଡିରା, ୩ ମାଇ), ରିଙ୍ଗ-ଟେଲଡ୍ ଲେମୁର (୨ ଅଣ୍ଡିରା, ୨ ମାଇ), ଟଫଟେଡ୍ କାପୁଚିନ୍ (୨ ଅଣ୍ଡିରା, ୨ ମାଇ), ସ୍କାରଲେଟ୍ ମକାଉ (୨ ଅଣ୍ଡିରା, ୨ ମାଇ), ବ୍ଲୁ-ଏଣ୍ଡ-ଗୋଲ୍ଡ ମକାଉ (୨ ଅଣ୍ଡିରା, ୨ ମାଇ), ଗ୍ରୀନ୍-ୱିଙ୍ଗଡ୍ ମକାଉ (୨ ଅଣ୍ଡିରା, ୨ ମାଇ), ସଲଫର-କ୍ରେଷ୍ଟେଡ୍ କାକାତୁଆ (୨ ଅଣ୍ଡିରା, ୨ ମାଇ), କ୍ରାଉନ୍ଡ କ୍ରେନ୍ (୨ ଅଣ୍ଡିରା, ୨ ମାଇ), ସ୍କାରଲେଟ୍ ଆଇବିସ୍ (୨ ଅଣ୍ଡିରା, ୨ ମାଇ), ମିରକାଟ (୩ ଅଣ୍ଡିରା, ୩ ମାଇ), କାସୋୱାରୀ (୧ ଅଣ୍ଡିରା, ୧ ମାଇ), ଏବଂ ବ୍ଲୁ ୱିଲଡେବିଷ୍ଟ (୨ ଅଣ୍ଡିରା, ୨ ମାଇ)। ୧୦ଟି ନୂଆ ପ୍ରଜାତିର ସଂଯୋଜନା, ୧ଟି ପ୍ରଜାତିର ଯୋଡ଼ି ପ୍ରସ୍ତୁତି ଏବଂ ୩ଟି ପ୍ରଜାତିରେ ନୂତନ ବଂଶାନୁକ୍ରମ (ବ୍ଲଡ଼ଲାଇନ୍) ସାମିଲ ହେବା ଫଳରେ ଏବେ ଏହି ଚିଡ଼ିଆଖାନାରେ ମୋଟ ପ୍ରଜାତି ସଂଖ୍ୟା ୧୮୮ରେ ପହଞ୍ଚିଛି।

## ନଦୀରେ ଭାସିଗଲେ ଭାଇ-ଭଉଣୀ

**ଖୁଣ୍ଟା,୧୨।୯(ମହାଭାରତ):** କିଛି ସମୟ ବ୍ୟବଧାନ ମଧ୍ୟରେ ଡକାଡକି ହୋଇ ଚାଲିଗଲେ ଭାଇଭଉଣୀ। ଖୁଣ୍ଟା ଥାନା ଅନ୍ତର୍ଗତ ଗଡ଼ିଗାଁ ପଞ୍ଚାୟତ ମହ୍ଲାରପଦା ଗ୍ରାମର ଏଭଳି ଅଭାବନୀୟ ଘଟଣା ଘଟିଛି। ଯାହା ଉକ୍ତ ଅଞ୍ଚଳର ଶୋକର ଛାୟା ଖେଳିଯାଇଛି। ଶୁକ୍ରବାର ଅପରାହ୍ନରେ ମହ୍ଲାରପଦା ଗ୍ରାମର ପରମେଶ୍ୱର ନାଏକ (୩୨) ଗ୍ରାମ ନିକଟସ୍ଥ କେନାଲକୁ ମାଛ ଧରିବାକୁ ଆସିଥିଲେ। ଅସାବଧାନତାବଶତଃ କେନାଲ ପାଣିରେ ପଡିଯାଇ ଆଉ ବାହାରି ପାରି ନଥିଲେ। ଭାଇ ଘରକୁ ଫେରିବାର ବିଳମ୍ବ ହେବାରୁ ଦିବ୍ୟାଙ୍ଗ ଭଉଣୀ ନନ୍ଦିନୀ (୪୫) ଭାଇକୁ ଖୋଜିବାକୁ ଯାଇ କେନାଲରେ ପଡିଥିବା ଦେଖି ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଉଠାଇ ପାରି ନଥିଲେ। ତେବେ ନାଲୁହା ନଦୀର ବିପରୀତ ପାର୍ଶ୍ୱରେ କରକଚିଆ ପଞ୍ଚାୟତ ଦୁବରାଜପୁର ବନ୍ଧୁ ଘର ଥିବା ବେଳେ ନନ୍ଦିନୀ ନଦୀ ପାରି ହୋଇ ଡାକିବାକୁ ଯାଉଥିଲେ। ମାତ୍ର ନଦୀର ସ୍‌ରୋତରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ମଧ୍ୟ ସନ୍ଧ୍ୟା ହୋଇ ଯାଇଥିବାରୁ ଉଦ୍ଧାର କରି ପାରି ନଥିଲେ। ତେବେ ଆଜି ଖୁଣ୍ଟା ଅଗ୍ନିଶମ ବିଭାଗ କର୍ମଚାରୀ ପ୍ରଭଞ୍ଜନ ସିଂ, ସତିଶ ବେହେରା, ରମେଶ ଚନ୍ଦ୍ର ପ୍ରଧାନ, ଅଭିମନ୍ୟୁ ଦେହୁରୀ, ଚନ୍ଦ୍ରଶେଖର ସାହୁ, ସଞ୍ଜୀବ ନାୟକ ପ୍ରମୁଖ ପହଞ୍ଚି ଦୀର୍ଘ ସମୟର କସରତ ପରେ ଦିବ୍ୟାଙ୍ଗ ନନ୍ଦିନୀକୁ ଘରୁ ନିକଟରୁ ଗୋଟିଏ କିଲୋମିଟର ଦୂରରେ ଉଦ୍ଧାର କରିଥିଲେ।

# ନୂଆଦିଲ୍ଲୀ ଘୋଷଣାନାମାକୁ ବ୍ରିକ୍ସରାଷ୍ଟ୍ରଙ୍କ ସମର୍ଥନ



**ନୂଆଦିଲ୍ଲୀ,୧୨।୯(ମହାଭାରତ):** ୨୦୨୩ର ଜି-୨୦ ସମ୍ମିଳନୀରେ ରୁଷ୍-ୟୁକ୍ରେନ ଯୁଦ୍ଧ ମଧ୍ୟରେ ସମସ୍ତ ସଦସ୍ୟ ଦେଶଙ୍କୁ ଏକାଠି କରି ସର୍ବସମ୍ମତ ଘୋଷଣାନାମା ପାରିତ କରିଥିବା ଭାରତ, ଏବେ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ଅଧିକ ଜଟିଳ କୂଟନୈତିକ ସନ୍ତୁଳନକୁ ସଫଳତାର ସହ ସାମ୍ନା କରିଛି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍, ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍‌ଙ୍କ ସମେତ ୟୁଏଇ ଓ ସାଉଦି ଆରବର ପ୍ରତିନିଧିମାନେ ଯୋଗଦେଇଛନ୍ତି। ପ୍ରତ୍ୟକ୍ଷ ଓ ପରୋକ୍ଷ ସଂଘର୍ଷରେ ଲିପ୍ତ ଥିବା ଦେଶଗୁଡ଼ିକୁ ଗୋଟିଏ ମଞ୍ଚକୁ ଆଣିବା ଭାରତୀୟ କୂଟନୀତି ପାଇଁ ଏକ ବଡ଼ ପରୀକ୍ଷା ହୋଇଛି। ଏହି ସମ୍ମିଳନୀ ପଛରେ ରହିଛି ବିଶ୍ୱ ଅର୍ଥନୀତି ଓ ମଧ୍ୟପ୍ରାଚ୍ୟର ଗମ୍ଭୀର ସଙ୍କଟ। ଗୋଟିଏ ପଟେ ଆମେରିକା-ଇରାନ ଯୁଦ୍ଧ ଯୋଗୁଁ ଉପସାଗରୀୟ ଅଞ୍ଚଳରେ ଆକ୍ରମଣ ଓ ଇନ୍ଧନ ସଙ୍କଟ ଦେଖାଦେଇଥିବା ବେଳେ, ସାଉଦି ଆରବ ଓ ୟୁଏଇ ଉପରେ ଇରାନ-ସମର୍ଥିତ ଗୋଷ୍ଠୀଙ୍କ ସାମରିକ ଚାପ ବୃଦ୍ଧି ପାଇଛି। ନିକଟରେ ବିସ୍‌କେକ ଏସ୍‌ସିଓ ଘୋଷଣାନାମାରେ ଇରାନ ଉପରେ ଆକ୍ରମଣକୁ ନିନ୍ଦା କରାଯାଇଥିବାରୁ, ବ୍ରିକ୍ସ ମଂଚରେ ସମାନ ଆଭିମୁଖ୍ୟ ରଖିବାକୁ ଇରାନ ଦାବି କରିଥିଲା। ତେବେ ଉଭୟ ଆରବ ଦେଶ ଏବଂ ଇରାନ ସହ ସୁସମ୍ପର୍କ ରଖିଥିବା ଭାରତ, ରୁଷ୍ ଓ ଇଜିପ୍ଟ ସହାୟତାରେ ଏକ ମଧ୍ୟମ ମାର୍ଗ ବାହାର କରିବାରେ ସଫଳ ହୋଇଛି। ଏହାସହିତ ଆମେରିକା ପ୍ରସଙ୍ଗ ବା 'ଟ୍ରମ୍ପ ଫ୍ୟାକ୍ଟର' ଏହି ସମ୍ମିଳନୀର ଅନ୍ୟତମ ପ୍ରଧାନ ଚିନ୍ତାର କାରଣ ହେବାକୁ ଭାରତ ସୁଯୋଗ ଦେଇନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ରିକ୍ସକୁ ଆମେରିକା ବିରୋଧୀ ମଞ୍ଚ ଭାବେ ଦେଖୁଥିବା ବେଳେ, ପୃଥକ ମୁଦ୍ରା ପ୍ରଚଳନ କଲେ ୧୦୦% ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ, ଭାରତ ସ୍ପଷ୍ଟ କରିଛି ଯେ ବ୍ରିକ୍ସ କୌଣସି ନୂଆ ମୁଦ୍ରା ତିଆରି କରୁନାହିଁ, ବରଂ ନିଜସ୍ୱ ସ୍ଥାନୀୟ ମୁଦ୍ରାରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ଉତ୍ସାହିତ କରୁଛି। ବ୍ରିକ୍ସକୁ ପଶ୍ଚିମ-ବିରୋଧୀ ହେବାକୁ ନଦେଇ ସାମ୍ରାଜ୍ୟବାଦ-ବିରୋଧୀ ଏବଂ ଗ୍ଲୋବାଲ ସାଉଥ୍‌ର ସ୍ୱର ଭାବେ ଉପସ୍ଥାପନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ସନ୍ତୁଳିତ ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଏବଂ ଏହି ରଣନୀତି ସଫଳ ହେବା ଏକ ବହୁତ ବଡ କୂଟନୈତିକ ଉପଲବ୍ଧି। ସମ୍ମିଳନୀ ଅବସରରେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀ ଅନେକ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ସାଢେ ସାତ ବର୍ଷ ପରେ ପ୍ରଥମ ଥର ଭାରତ ଗସ୍ତରେ ଆସିଥିବା ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସୀମା ବାସ୍ତବ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଶାନ୍ତି ଏବଂ ବାଣିଜ୍ୟିକ ସମ୍ପର୍କ ସୁଧାରିବା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ସେହିପରି ରୁଷ ରାଷ୍ଟ୍ରପତି ପୁଟିନ୍‌ଙ୍କ ସହ ଶକ୍ତି ଏବଂ ସାମରିକ ସହଯୋଗ ବୃଦ୍ଧି ଉପରେ ଚର୍ଚ୍ଚା ହୋଇଛି। ବୈଦେଶିକ ନୀତିରେ ନିଜର ସାର୍ବଭୌମତ୍ୱ ଓ ରଣନୈତିକ ସ୍ୱାଧୀନତା ବଜାୟ ରଖି, ସମସ୍ତ ବିରୋଧୀ ଗୋଷ୍ଠୀଙ୍କୁ ଏକାଠି କରିବା ସହ ବିଶ୍ୱ ମଞ୍ଚରେ ନିଜର ଦୃଢ଼ ଉପସ୍ଥିତି ଜାହିର କରିବା ଭାରତ ପାଇଁ ଏକ ଐତିହାସିକ କୂଟନୈତିକ କସରତ ସାବ୍ୟସ୍ତ ହୋଇଛି।

## ବ୍ରିକ୍ସ ସମ୍ମିଳନୀରେ କୋରାପୁଟ କଫିର ସ୍ୱାଦ

**ଭୁବନେଶ୍ୱର,୧୨।୯(ମହାଭାରତ):** କୋରାପୁଟର କଫି ବଗିଚାରୁ ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ପହଂଚିଛି ଓଡ଼ିଶାର ସ୍ୱାଦ। କୋରାପୁଟର ପୂର୍ବଘାଟ ପର୍ବତମାଳାରେ ଆଦିବାସୀ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ପ୍ରିମିୟମ ଆରବିକା କଫି "ଟାଇଗର ବ୍ରାଇଟ୍", ବ୍ରିକ୍ସ ସମ୍ମିଳନୀରେ ଅଭ୍ୟାଗତମାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଛି । ଏହା ବିଶ୍ୱବାସୀଙ୍କୁ ଓଡ଼ିଶାର ସ୍ୱାଦ ସହ ପରିଚିତ କରାଇବା ସହ ଆଦିବାସୀ ଉଦ୍ୟୋଗ, ମୂଲ୍ୟ ବୃଦ୍ଧି ଏବଂ ସ୍ଥାୟୀ ଜୀବିକାରେ ଅପାର ସମ୍ଭାବନାକୁ ପ୍ରଦର୍ଶିତ କରୁଛି । କୋରାପୁଟ ପାହାଡ଼ରେ ଉତ୍ପାଦିତ କଫି ପାଇଁ ବଜାର ସୃଷ୍ଟି କରିବା ଥିଲା ଆମର ପ୍ରଥମ ପ୍ରୟାସ । ବର୍ତମାନ ଏହି ପ୍ରୟାସ ସଫଳ ହୋଇଛି। "ଭୋକାଲ୍ ଫର୍ ଲୋକାଲ୍" ର ନାରାକୁ ପ୍ରତିଫଳିତ କରି କୋରାପୁଟ କଫି ଏବେ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ପାଇଁ ଖ୍ୟାତି ଆଣି ଦେଇଛି। କୋରାପୁଟର ଆଦିବାସୀ ସମ୍ପ୍ରଦାୟ ପାଇଁ 'ଟାଇଗର ବ୍ରାଇଟ୍'ର ଏହି ସଫଳତା କେବଳ ଏକ କଫି ବ୍ରାଣ୍ଡର କାହାଣୀ ନୁହେଁ ବରଂ ଏହା ସେମାନଙ୍କ ପାଇଁ ନୂତନ ସୁଯୋଗ ଆଣି ଦେଇଛି ।

## ଆଉ ସିଧାସଳଖ ନିର୍ବାଚିତ ହେବେନି ମେୟର

**ଭୁବନେଶ୍ୱର,୧୨।୯(ମହାଭାରତ):** ମେୟର ଓ ପୌରାଧକ୍ଷଙ୍କ ପାଇଁ ଆଉ ହୋଇ ନପାରେ ସିଧାସଳଖ ନିର୍ବାଚନ । ୨୦୨୭ ପୌର ନିର୍ବାଚନରେ ମେୟର ଓ ପୌରାଧକ୍ଷଙ୍କ ପାଇଁ ପରୋକ୍ଷ ନିର୍ବାଚନ କରିବାକୁ ଚିନ୍ତା କରୁଛନ୍ତି ସରକାର। କୁହାଯାଉଛି ଏଥିପାଇଁ ଆବଶ୍ୟକୀୟ ନିୟମରେ ସରକାର ସଂଶୋଧନ ଆଣିବେ। ଏହାହେଲେ ପୂର୍ବଭଳି କର୍ପୋରେଟରମାନେ ମେୟର ବାଛିବେ। ଯାହାକୁ ନେଇ ବିଜେଡି , ବିଜେପି ମୁହାଁମୁହିଁ ହୋଇଛନ୍ତି । ସେପଟେ ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି ରାଜ୍ୟ ନିର୍ବାଚନ କମିଶନ।

୨୦୨୭ ପୌର ନିର୍ବାଚନରେ ମେୟର ଓ ପୌରାଧକ୍ଷଙ୍କ ପାଇଁ ହୋଇପାରେ ପରୋକ୍ଷ ନିର୍ବାଚନ। ଅର୍ଥାତ ସିଧାସଳଖ ଭୋଟରମାନେ ମେୟର ନିର୍ବାଚିତ କରିବେ ନାହିଁ । ପୂର୍ବରୁ ଯେଭଳି କର୍ପୋରେଟରମାନେ ନିର୍ବାଚିତ ହେଲାପରେ ସେମାନଙ୍କ ଭିତରୁ ଜଣଙ୍କୁ ମେୟର ବାଛୁଥିଲେ ସରକାର ସେହି ଫର୍ମୁଲାକୁ ଫେରିବାକୁ ଚାହୁଁଛନ୍ତି । ଏଭଳି ଚର୍ଚ୍ଚା ରାଜନୈତିକ ମହଲରେ ଏବେ ସିରୋନାମା ପାଲଟିଛି । ୨୦୨୨ ରେ ପ୍ରଥମ କରି ରାଜ୍ୟର ସମସ୍ତ ପୌର ସଂସ୍ଥା ଅର୍ଥାତ୍, ମହାନଗର ନିଗମ, ମ୍ୟୁନିସିପାଲିଟି ଓ ଏନ୍‌ଏସିରେ ମେୟର ଏବଂ ପୌରାଧକ୍ଷ ପଦବି ପାଇଁ ସିଧାସଳଖ ନିର୍ବାଚନ ହୋଇଥିଲା। ସ୍ଥାନୀୟ ମତଦାତାମାନେ ନିଜ ପସନ୍ଦର ମେୟର ଓ ପୌରାଧକ୍ଷ ନିର୍ବାଚିତ କରିଥିଲେ । କିନ୍ତୁ ଆସନ୍ତା ୨୦୨୭ ପୌର ନିର୍ବାଚନରେ ଏହାକୁ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି ସରକାର । ଯାହାକୁ ନେଇ ରାଜନୈତିକ ବୟାନବାଜି ତେଜିଛି । ବିରୋଧୀ ସରକାରଙ୍କୁ କଟାକ୍ଷ କରି କହିଛନ୍ତି, ରାଜ୍ୟସଭା ନିର୍ବାଚନରେ ଘୋଡା ବେପାର କରି ଜିତିଲା ଭଳି ମେୟର ନିର୍ବାଚନରେ ବି ସେହିଭଳି ଜିତିବାକୁ ଚାହୁଁଛନ୍ତି ସରକାର। ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି ସରକାର ଠିକ ସମୟରେ ଠିକ ନିଷ୍ପତି ନେବେ । ମୁଖ୍ୟମନ୍ତ୍ରୀ ଖୁବଶୀଘ୍ର ଏନେଇ ସୂଚନା ଦେବେ ।




ଏପଟେ ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି ରାଜ୍ୟ ନିର୍ବାଚନ କମିଶନ। ୨୦୨୭ରେ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନକୁ ନଜରରେ ରଖି ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଡୋର ଟୁ ଡୋର ସର୍ଭେ କରାଯିବ। ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ଏହି ସର୍ଭେ ପାଇଁ ମାଷ୍ଟର ଟ୍ରେନରଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସେପ୍ଟେମ୍ବର ୨୩ ତାରିଖରେ ଆୟୋଜନ କରାଯିବ। ଜିଲ୍ଲାସ୍ତରରେ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିବାକୁ ଥିବା ଅଧିକାରୀମାନଙ୍କୁ ଏଥିରେ ଯୋଗଦେବାକୁ କୁହାଯାଇଛି। ଏହି ମାଷ୍ଟର ଟ୍ରେନରମାନେ ପରବର୍ତ୍ତୀ ସମୟରେ ଜିଲ୍ଲା ଓ ବ୍ଲକ୍‌ସ୍ତରରେ ଟ୍ରେନରମାନଙ୍କୁ ପ୍ରଶିକ୍ଷଣ ଦେବେ। ପରେ ନିଯୁକ୍ତ ସର୍ଭେ ଟିମ୍ଗୁଡ଼ିକ ଅକ୍ଟୋବର ୨୬ରୁ ନଭେମ୍ବର ୭ ପର୍ଯ୍ୟନ୍ତ ଘର ଘର ବୁଲି ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କିତ ସର୍ଭେ କରିବେ। ମେୟର ପଦବୀ ନିମନ୍ତେ ପରୋକ୍ଷ ନିର୍ବାଚନ ପ୍ରକ୍ରିୟା ଲାଗୁ କରିବା ପାଇଁ ସରକାରଙ୍କୁ ବିଧାନସଭାରେ ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ, ଏବଂ ଓଡ଼ିଶା ମ୍ୟୁନିସିପାଲିଟି କର୍ପୋରେସନ୍ ଆକ୍ଟ, ୨୦୦୩ରେ ଆଇନଗତ ସଂଶୋଧନ କରିବାକୁ ପଡ଼ିବ। ଏଥିପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯିବ ।

### ବ୍ରିକ୍ସରେ କୋରାପୁଟ କଫି

## 'ମୁଁ ବିଶ୍ୱକୁ ଏହି ଓଡ଼ିଶାକୁ ଦେଖାଇବାକୁ ଚାହୁଁଛି'



**ଭୁବନେଶ୍ୱର,୧୨।୯(ମହାଭାରତ):** କୋରାପୁଟର କଫି ଏବେ ଓଡ଼ିଶାର ସ୍ଥାନୀୟ ପରିଚୟ ଓ କୃଷି କ୍ଷମତାର କାହାଣୀକୁ ବିଶ୍ୱ ମଞ୍ଚରେ ପହଞ୍ଚାଉଛି। ଶନିବାର ନୂଆଦିଲ୍ଲୀରେ ଆୟୋଜିତ ଦୁଇଦିନିଆ ବ୍ରିକ୍ସ ଇଣ୍ଡିଆ ସମିଟ୍ ୨୦୨୬ରେ କୋରାପୁଟ କଫିର ପ୍ରଦର୍ଶନକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗର୍ବ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି ଯେ, ଗତ କିଛି ଦିନ ଧରି ସେ ବିଶ୍ୱସ୍ତରୀୟ ମଞ୍ଚରେ ଓଡ଼ିଶାର ସୁଯୋଗ, ସାମର୍ଥ୍ୟ ଓ ସମ୍ଭାବନାକୁ ସାମ୍ନାକୁ ଆଣିବା ସହ ରାଜ୍ୟର କ୍ଷମତା ସମ୍ପର୍କରେ ଅବଗତ ହେବା ପାଇଁ ବିଶ୍ୱକୁ ଆମନ୍ତ୍ରଣ କରୁଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, "ଆଜି ଏହା ଦେଖି ବିଶେଷ ଖୁସି ଲାଗୁଛି ଯେ, ବ୍ରିକ୍ସ ଇଣ୍ଡିଆ ସମିଟ୍ ୨୦୨୬ରେ କୋରାପୁଟ କଫି ଓଡ଼ିଶାର କାହାଣୀର ଆଉ ଏକ ଦିଗକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରୁଛି।" ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନ୍ତର୍ଜାତୀୟ ସମ୍ମିଳନୀରେ କୋରାପୁଟ କଫିର ଉପସ୍ଥିତି ଓ ପରିଚୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ 'ଭୋକାଲ୍ ଫର୍ ଲୋକାଲ୍' ଭାବନାକୁ ପ୍ରତିଫଳିତ କରୁଛି। ସ୍ଥାନୀୟ ଉତ୍ପାଦଗୁଡ଼ିକୁ ବିଶ୍ୱସ୍ତରୀୟ ମଞ୍ଚ ଯୋଗାଇ ସେଗୁଡ଼ିକୁ ବ୍ୟାପକ ପରିଚୟ ପ୍ରଦାନ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି। ଓଡ଼ିଶାବାସୀଙ୍କ ପରିଶ୍ରମ ଏବଂ ରାଜ୍ୟର ମାଟିର ସମୃଦ୍ଧିକୁ ଓଡ଼ିଶାର ସୀମା ବାହାରେ ପରିଚୟ ମିଳୁଥିବା ଦେଖିବା ତାଙ୍କ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଲଗାଣ ବର୍ଷାରେ ଦକ୍ଷିଣ ଓଡ଼ିଶା ଉବୁଟୁବୁ

**ଭୁବନେଶ୍ୱର,୧୨।୯ (ମହାଭାରତ):** କୋରକୋଣ୍ଡା ବ୍ଲକର ନୀଳାକାମ୍ବେରୁ ପଞ୍ଚାୟତର ୨ଟି ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଆଜି ରେକର୍ଡ କରାଯାଇଥିବା ବର୍ଷାର ପରିମାଣ ଅନୁସାରେ ମାଲକାନଗିରି ବ୍ଲକରେ ୧୩୬.୮ ମିଲିମିଟର ବର୍ଷା ହୋଇଥିବା ବେଳେ ମାଥିଲି ବ୍ଲକରେ ୮୫ ମିଲିମିଟର,ଚିତ୍ରକୋଣ୍ଡା ବ୍ଲକରେ ୧୯୨ ମିଲିମିଟର,କୋରକୋଣ୍ଡା ବ୍ଲକରେ ୧୩୪ ମିଲିମିଟର,କାଲିମେଲା ବ୍ଲକରେ ୮୫ ମିଲିମିଟର ଏବଂ ପଡିଆ ବ୍ଲକରେ ୨୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପଟେରୁ, କାଙ୍ଗରୁକୋଣ୍ଡା, ଏମ୍ ?ଭି-୯୦, କନ୍ୟାଶ୍ରମ,ଏମ୍ ?ଭି -୭ ଅଞ୍ଚଳ ସମେତ ପାଙ୍ଗାମ ବ୍ରିଜ୍ ଉପରେ ପ୍ରାୟ ୨ରୁ ୩ ଫୁଟ ପାଣି ପ୍ରବାହିତ ହେଉଛି। ବିଶେଷକରି ପଟେରୁ ବ୍ରିଜ୍ ଉପରେ ପ୍ରାୟ ୩ ଫୁଟ ପାଣି ଚାଲୁଥିବାରୁ ସ୍ଥିତି ଚିନ୍ତାଜନକ ହୋଇପଡ଼ିଛି। ପାଣି ଆହୁରି ବଢ଼ିଲେ ପଟେରୁ ଅଞ୍ଚଳରେ ବନ୍ୟା ପରିସ୍ଥିତି ଅଧିକ ଭୟଙ୍କର ହେବାର ଆଶଙ୍କା ରହିଛି। ବ୍ରିଜ୍ ଉପରେ ପାଣି ଚାଲୁଥିବାରୁ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି। ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିବା ବେଳେ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀମାନେ ମଧ୍ୟ ନାହିଁ ନଥିବା ହଇରାଣ ହେଉଥିବା ଦେଖାଯାଇଛି।

ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସଜାଗ ରହିଛି। ସକାଳୁ ବ୍ରିଜ୍ ନିକଟରେ ଅଟକିଥିବା ଯାତ୍ରୀମାନଙ୍କ ପାଇଁ ଶୁଖିଲା ଖାଦ୍ୟ ଓ ପାଣିର ବ୍ୟବସ୍ଥା କରାଯାଇଥିବା ବେଳେ ଆଜି ମଧ୍ୟାହ୍ନରେ ରନ୍ଧା ଖାଦ୍ୟ ଯୋଗାଇଦେବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଲଗାଣ ବର୍ଷା ଓ ବନ୍ୟା ଆଶଙ୍କାକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ତୁରନ୍ତ ବନ୍ଦ କରିଛି। ସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ସ୍କୁଲ ଓ ଅଙ୍ଗନବାଡ଼ି ବନ୍ଦ ରହିବ ବୋଲି ନିର୍ଦ୍ଦେଶ ଜାରି ହୋଇଛି। ଜିଲ୍ଲାର ସମସ୍ତ ବ୍ଲକର ତହସିଲଦାର,ବିଡିଓ ସମେତ ସରକାରୀ କର୍ମଚାରୀମାନଙ୍କ ଛୁଟି ବାତିଲ କରାଯାଇଛି। ଏହାସହ ଆର୍ ?ଆଇମାନଙ୍କୁ ବ୍ରିଜ୍ ଓ ତଳିଆ ଅଞ୍ଚଳରେ ନିୟୋଜିତ କରାଯାଇ ଲୋକଙ୍କ ଗତିବିଧି ଉପରେ କଡ଼ା ନଜର ରଖିବା ସହ ସମ୍ଭାବ୍ୟ ବିପଦ ସମୟରେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ କେତେକ ଅଞ୍ଚଳରେ ସ୍ଥିତି ଧୀରେ ଧୀରେ ସୁଧୁରୁଥିବା ସଙ୍କ ?ତ ମିଳୁଥିଲେ ମଧ୍ୟ ଅନେକ ବ୍ରିଜ୍ ଉପରେ ଏବେ ବି ପାଣି ପ୍ରବାହିତ ହେଉଛି। ତେଣୁ ପାଣି ନକମିବା ପର୍ଯ୍ୟନ୍ତ ଲୋକମାନଙ୍କୁ ବ୍ରିଜ୍ ପାର ନହେବାକୁ ପ୍ରଶାସନ ପକ୍ଷରୁ ସତର୍କ କରାଯାଉଛି।



ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅନେକ ଅଞ୍ଚଳରେ ପ୍ରବଳ ବର୍ଷା ରେକର୍ଡ ହୋଇଛି। ରାଜ୍ୟ ସରକାର ପାଣିପାଗ ଏବଂ ନଦୀଗୁଡ଼ିକର ସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି। ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ବର୍ତ୍ତମାନ ରାଜ୍ୟରେ ସ୍ଥିତି ନିୟନ୍ତ୍ରଣରେ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ହାରାହାରି ୨୪.୫ ମିମି ବର୍ଷା ରେକର୍ଡ ହୋଇଛି। ସର୍ବାଧିକ ୧୯୨.୦ ମିମି ବର୍ଷା ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକ୍‌ରେ ହୋଇଛି। ୫ଟି ବ୍ଲକ୍‌ରେ ୧୦୦ ମିମିରୁ ଅଧିକ ଏବଂ ୩୩ଟି ବ୍ଲକ୍‌ରେ ୫୦ରୁ ୧୦୦ ମିମି ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ସେପ୍ଟେମ୍ବର ୧ରୁ ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ମୋଟ ହାରାହାରି ବର୍ଷା ୯୦.୨ ମିମି ରହିଛି। ଏହି ସମୟର ସ୍ୱାଭାବିକ ହାରାହାରି ବର୍ଷା ୯୬.୬ ମିମି ହୋଇଥିବାରୁ ବର୍ଷାରେ ୬.୬ ପ୍ରତିଶତ ନିଅଣ୍ଟ ରେକର୍ଡ ହୋଇଛି। ଅନ୍ୟପକ୍ଷରେ, ଜୁନ୍ ୧ରୁ ସେପ୍ଟେମ୍ବର ୧୨ ପର୍ଯ୍ୟନ୍ତ ରାଜ୍ୟରେ ୧,୨୪୭.୫ ମିମି ବର୍ଷା ହୋଇଛି, ଯେତେବେଳେ ସ୍ୱାଭାବିକ ହାରାହାରି ୯୯୭.୦ ମିମି। ଏହି ସମୟରେ ୨୫.୧ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ଉତ୍ତର-ପଶ୍ଚିମ ଓ ପଶ୍ଚିମ-ମଧ୍ୟ ବଙ୍ଗୋପସାଗର ଏବଂ ଏହାର ସଂଲଗ୍ନ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଆସନ୍ତା ୨୪ ଘଣ୍ଟାରେ ଅଧିକ ସକ୍ରିୟ ହେବା ସହ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷାର ପୂର୍ବାନୁମାନ କରି ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏହା ବ୍ୟତୀତ ବାଲେଶ୍ୱର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବଜ୍ରପାତ ଏବଂ ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ରାଜ୍ୟର ସମସ୍ତ ନିରୀକ୍ଷଣାଧୀନ ନଦୀର ଜଳସ୍ତର ବର୍ତ୍ତମାନ ସେଗୁଡ଼ିକର ନିର୍ଦ୍ଧାରିତ ବିପଦସଙ୍କେତ ତଳେ ରହିଛି। ଅଧିକାରୀମାନେ ନଦୀଗୁଡ଼ିକର ଜଳସ୍ତର ଉପରେ ନିରନ୍ତର ନଜର ରଖୁଛନ୍ତି। ଶନିବାର ସକାଳ ସୁଦ୍ଧା ନରାଜଠାରେ ମହାନଦୀର ଜଳସ୍ତର ୫୨୨.୯୧ ମିଟର, ପାନପୋଷଠାରେ ବ୍ରାହ୍ମଣୀ ନଦୀର ୧୭୨.୬୬ ମିଟର, ଆନନ୍ଦପୁରଠାରେ ବୈତରଣୀର ୩୪.୭୯ ମିଟର ଏବଂ ମାଥାନୀଠାରେ ଜଳକା ନଦୀର ଜଳସ୍ତର ୬.୪୬ ମିଟର ରେକର୍ଡ ହୋଇଛି।

## ଗଣେଶ ଚତୁର୍ଥୀରେ କରନ୍ତୁ ଏହି ଉପାୟ

ଗଣେଶ ଚତୁର୍ଥୀ ହିନ୍ଦୁ ଧର୍ମରେ ପାଳନ କରାଯାଉଥିବା ପ୍ରମୁଖ ହିନ୍ଦୁ ପର୍ବ ମଧ୍ୟରୁ ଅନ୍ୟତମ । ଭଗବାନ ଗଣେଶଙ୍କୁ ଉତ୍ସର୍ଗୀକୃତ ୧୦ ଦିନିଆ ଗଣେଶୋତ୍ସବ ଭାଦ୍ରବ ମାସରେ ପାଳନ କରାଯାଏ। ଏଥର ଗଣେଶ ଚତୁର୍ଥୀସୋମବାର, ସେପ୍ଟେମ୍ବର୧୪ ରେ ପଡୁଛି ।ଏହା ବିନାୟକ ଚତୁର୍ଥୀ ନାମରେ ଜଣାଶୁଣା । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଗଣେଶ ଚତୁର୍ଥୀ ଦିନ ଯଦି କିଛି ବିଶେଷ ପଦକ୍ଷେପ ନିଆଯାଏ, ତେବେ ଭଗବାନ ଗଣପତି ତାଙ୍କ ଭକ୍ତଙ୍କ ଉପରେ ସନ୍ତୁଷ୍ଟ ହୁଅନ୍ତି ଏବଂ ସେମାନଙ୍କର ସମସ୍ତ ଇଚ୍ଛା ପୂରଣ କରନ୍ତି। ଯଦି ଆପଣ ମଧ୍ୟ ଏହି ବିଶେଷ ଉତ୍ସବର ଲାଭ ଉଠାଇବାକୁ ଚାହାଁନ୍ତି, ତେବେ ନିଶ୍ଚିତ ଭାବରେ ଏହି ପଦକ୍ଷେପଗୁଡିକ କରନ୍ତ।

୧. ଗଣେଶ ଚତୁର୍ଥୀ ଦିନ ଭଗବାନ ଗଣେଶଙ୍କ ଅଭିଷେକ ଶୁଭ ବୋଲି ବିବେଚନା କରାଯାଏ। ଏହି ଦିନ ଗଣପତିଙ୍କୁ ପୂଜା କରିବାର ଅନେକ ଲାଭ ଅଛି। ଶ୍ରୀ ଗଣେଶଙ୍କୁ ପବିତ୍ର କରିବା ପରେ ଗଣପତି ଅଥର୍ବଶୀର୍ଷ ପାଠ କରନ୍ତ।

୨. ଗଣେଶ ଯନ୍ତ୍ର ଏକ ଅତ୍ୟନ୍ତ ଚମତ୍କାର ଉପକରଣ ର ଯଦି ଏହା ଚତୁର୍ଥୀରେ ପ୍ରତିଷ୍ଠିତ ହୁଏ ତେବେ ଏହା ଫଳପ୍ରଦ ଅଟେ। ଘରେ ଏହି ଯନ୍ତ୍ରର ପ୍ରତିଷ୍ଠା ଏବଂ ଉପାସନା ଲାଭଦାୟକ ଅଟେ। କୌଣସି ନକାରାତ୍ମକତା ଶକ୍ତି ଘରେ ପ୍ରବେଶ କରେ ନାହିଁ ।

୩. ଯଦି ଆପଣଙ୍କ ଜୀବନରେ ଅସୁବିଧା ଚାଲିଛି, ତେବେ ଗଣେଶ ଚତୁର୍ଥୀ ଦିନ ହାତୀକୁ ସବୁଜ ଖାଇବାକୁ ଦିଅନ୍ତୁ । ଭଗବାନ ଗଣେଶଙ୍କ ମନ୍ଦିର ପରିଦର୍ଶନ କରନ୍ତୁ ଏବଂ ପ୍ରାର୍ଥନା କରନ୍ତୁ।

୪. ଯଦି ଆପଣ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ଚତୁର୍ଥୀ ଦିନ ଭଗବାନ ଗଣେଶଙ୍କୁ ଗୁଡ ଏବଂ ଶୁଦ୍ଧ ଘିଅ ପ୍ରଦାନ କରନ୍ତୁ । ତା'ପରେ ପ୍ରସାଦକୁ ଗାଇ କୁ ଖାଇବାକୁ ଦିଅ ।ଏହି ପ୍ରତିକାର ଅର୍ଥ ସମ୍ବନ୍ଧୀୟ ସମସ୍ୟା ଦୂର କରିବାରେ ଲାଭଦାୟକ ଅଟେ।

୫. ଗଣେଶ ଚତୁର୍ଥୀ ଦିନ ଭଗବାନ ଗଣେଶଙ୍କ ମନ୍ଦିରକୁ ଯାଆନ୍ତୁ ଏବଂ ୨୧ ଟି ଗୋଳା ଦୁବ ସହିତ ଅର୍ପଣ କରନ୍ତୁ । ପ୍ରତ୍ୟେକ ଇଚ୍ଛା ପୂରଣ ହେବ।

**ଖବର**

## ଗଣେଶଙ୍କ ପ୍ରତିମା ସହ ଦୁଇଟି ଗୁଆକୁ ପୂଜା କରିବାର କ'ଣ ରହିଛି ମହତ୍ତ୍ୱ



ଗଣେଶ ଚତୁର୍ଥୀରେ ଘରେ ଗଣପତିଙ୍କୁ ସ୍ଥାପନ କରିବା ସମୟରେ ପୂଜା ସାମଗ୍ରୀରେ ଗୁଆ ରଖିବାର ବିଶେଷ ପରମ୍ପରା ରହିଛି। ହିନ୍ଦୁ ପୂଜା ପଦ୍ଧତିରେ ଗୁଆକୁ ପୂର୍ଣ୍ଣତା, ସ୍ଥିରତା ଓ ଦୃଢ଼ ସଂକଳ୍ପର ପ୍ରତୀକ ଭାବେ ଗ୍ରହଣ କରାଯାଏ।୨୦୨୬ ମସିହାରେ ଗଣେଶ ସ୍ଥାପନା ସେପ୍ଟେମ୍ବର ୧୪ ତାରିଖରେ କରାଯିବ। ତେବେ ଗଣେଶ ସ୍ଥାପନା ସମୟରେ କାହିଁକି ଦୁଇଟି ଗୁଆ ରଖାଯାଏ ଆସନ୍ତୁ ଜାଣିବା।କୌଣସି ଦେବତାଙ୍କର ପ୍ରତିମା ଉପଲବ୍ଧ ନଥିଲେ କିମ୍ବା କୌଣସି ଅନୁଷ୍ଠାନରେ ପ୍ରତୀକାତ୍ମକ ସ୍ଥାପନା କରିବାକୁ ହେଲେ ଗୁଆକୁ ବ୍ୟବହାର କରାଯାଏ। ଗଣେଶ ପୂଜାରେ ମଧ୍ୟ ସୁପାରିକୁ ରିଦ୍ଧି ଓ ସିଦ୍ଧିଙ୍କ ପ୍ରତୀକ ଭାବେ ପୂଜା କରିବାର ପରମ୍ପରା ରହିଛି। ସେଥିପାଇଁ ପୂଜା ସମୟରେ ଗଣେଶଙ୍କ ସହ ଦୁଇଟି ଗୁଆ ରଖାଯାଏ। ଗୋଟିଏ ଗୁଆ ରିଦ୍ଧି ଏବଂ ଅନ୍ୟଟି ସିଦ୍ଧିଙ୍କ ପ୍ରତୀକ ବୋଲି ଧରାଯାଏ। ଗଣେଶଙ୍କ ପୂଜା ସହ ରିଦ୍ଧି-ସିଦ୍ଧିଙ୍କୁ ସ୍ମରଣ କରି ସୁଖ, ସମୃଦ୍ଧି, ବୁଦ୍ଧି ଓ କାର୍ଯ୍ୟସିଦ୍ଧି ପାଇଁ ପ୍ରାର୍ଥନା କରାଯାଏ।

## ଶ୍ରୀନାଥ : ଶ୍ରୀକୃଷ୍ଣଙ୍କ ସାକ୍ଷାତ ସ୍ୱରୂପ



୧୬ କଳାରେ ସ୍ୱୟଂସମ୍ପୂର୍ଣ୍ଣ ଭଗବାନ କୃଷ୍ଣଙ୍କ ହଜାର ହଜାର ମନ୍ଦିର ଦେଶର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ । ତେବେ ଏହି ସବୁ ମନ୍ଦିର ମଧ୍ୟରୁ ରାଜସ୍ଥାନ ଓ ଗୁଜରାଟ ସୀମାରେ ଥିବା ଶ୍ରୀନାଥଜୀ ମନ୍ଦିରରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ସ୍ୱରୂପ ପୂଜା ପାଇଥାଏ । ଇନ୍ଦ୍ରଙ୍କ କୋପରୁ ଗୋପପୁରବାସୀଙ୍କୁ ବଞ୍ଚାଇବା ଲାଗି ଶ୍ରୀକୃଷ୍ଣ ଗିରି ଗୋବର୍ଦ୍ଧନ ପର୍ବତ ଉଠାଇଥିଲେ । ଏହି ସମୟରେ ଶ୍ରୀକୃଷ୍ଣଙ୍କ ତେଜରୁ ଗୋବର୍ଦ୍ଧନ ପର୍ବତରେ ତାଙ୍କର ସାକ୍ଷାତ ମୂର୍ତ୍ତି ସୃଷ୍ଟି ହୋଇଥିଲା । ଏହି ମୂର୍ତ୍ତି ଶ୍ରୀନାଥଜୀ ମନ୍ଦିରରେ ପୂଜା ପାଇଥାଏ । ଏହି ମୂର୍ତ୍ତିଟି ପୂର୍ବରୁ ଅସମ୍ପୂର୍ଣ୍ଣ ରହିଥିଲା । ମଧ୍ୟଯୁଗର ଭକ୍ତିକାଳରେ ସନ୍ଥ ବଲ୍ଲଭଚାର୍ଯ୍ୟଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ କୃଷ୍ଣ ନିଜ ମୂର୍ତ୍ତିକୁ ସମ୍ପୂର୍ଣ୍ଣ କରିଥିଲେ । ସେବେଠାରୁ ଏଠାରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ତଥା ସମ୍ପୂର୍ଣ୍ଣ ମୂର୍ତ୍ତି ପୂଜା ପାଉଛି । ମୋଗଲ୍ ସମ୍ରାଟ ଆଉରଙ୍ଗଜେବ୍‌ଙ୍କ ଆକ୍ରମଣ ସମୟରେ ଭଗବାନ କୃଷ୍ଣଙ୍କ ମୂର୍ତ୍ତିକୁ ମେୱାର୍‌ର ଶୀହାଦ୍ ଗ୍ରାମରେ ଏକ ଖାଲ ମଧ୍ୟରେ ଲୁଚାଇ ଦିଆଯାଇଥିଲା । ମହାରାଣା ସଂଗ୍ରାମ ସିଂ ନିଜର ୨ହଜାର ସୈନ୍ୟଙ୍କୁ ପଠାଇ ମୂର୍ତ୍ତିକୁ ସୁରକ୍ଷା ଦେଇଥିଲେ । ଏହାପରେ ଆଉରଙ୍ଗଜେବ୍‌ଙ୍କ ସୈନ୍ୟ ଫେରିଯାଇଥିଲେ । ଏବେ ସେହିସ୍ଥାନରେ ହିଁ ଶ୍ରୀନାଥଜୀଙ୍କ ମନ୍ଦିର ପୂଜା ପାଉଛି । ବର୍ତ୍ତମାନ ଶ୍ରୀନାଥଜୀଙ୍କ ମନ୍ଦିର ରାଜସ୍ଥାନର ଉଦୟପୁର ଠାରୁ ୪୮ କିଲୋମିଟର୍ ଦୂର ନାଥଦ୍ୱାର ନାମକ ସ୍ଥାନରେ ରହିଛି ।

## ଗଣପତି ବାପ୍ପାଙ୍କ ବିଷୟରେ କିଛି ରୋଚକ କଥା



ଚଳିତ ବର୍ଷ ୧୪ ସେପ୍ଟେମ୍ବର ୨୦୨୬ ହେଉଛି ଭାଦ୍ରପଦ ଶୁକ୍ଲ ପଂଚମୀ ତିଥିରେ ପଡୁଛି ଗଣେଷ ପୂଜା । ବିଶ୍ୱାସ କରାଯାଏ ଭଗବାନ ଗଣେଶ ଏହି ଦିନ ଜନ୍ମ ହୋଇଥିଲେ। ଏହି ଦିନ ପ୍ରଥମ ଉପାସକ ଦେବତା, ସୁଖ ଏବଂ ସମୃଦ୍ଧିର ଦେବତା ରିଦ୍ଧି-ସିଦ୍ଧ ଦାତା ଭଗବାନ ଗଣେଶଙ୍କ ଜନ୍ମ ବାର୍ଷିକୀ ପାଳନ କରାଯିବ। ଭାଦ୍ରବ ମାସର ଗଣେଶ ଚତୁର୍ଥୀରେ ଗଣପତି ବାପ୍ପା ଘର ଘରେ ପୂଜା ପାଇଥାନ୍ତି । ଗଣେଶ ଚତୁର୍ଥୀ ପୂର୍ବରୁ ଭଗବାନ ଗଣପତିଙ୍କ ସହ ଜଡିତ କିଛି ମଜାଦାର କଥା ବିଷୟରେ ଜାଣିବା ଭଗବାନ ଗଣେଶ ହେଉଛନ୍ତି ଏକମାତ୍ର ଦେବତା ଯାହାର ପୂଜାରେ ଦୁବ ବ୍ୟବହାର କରାଯାଏ। ଧାର୍ମିକ ଶାସ୍ତ୍ର ଅନୁଯାୟୀ, ଆଗାଲାସୁରା ନାମକ ଏକ ରାକ୍ଷାସ ଥିଲେ। ସେ ସାଧୁମାନଙ୍କୁ ଜୀବନ୍ତ ଗିଳି ଦେଉଥିଲେ । ଗଣେଶ ଏହାକୁ ଶେଷ କରିବା ପାଇଁ ଗିଳି ଦେଇଥିଲେ। ତା'ପରେ ପେଟର ଜ୍ୱଳନକୁ ଶାନ୍ତ କରିବା ପାଇଁ କାଶ୍ୟପ ରୁଷିଙ୍କୁ ଦୁବ ଦେଇଥିଲେ, ଯେଉଁଥିପାଇଁ ଗଣେଶଙ୍କୁ ଦୁବ ଅର୍ପଣ କରାଯାଏ ।ଗଣେଶ ଜୀଙ୍କ ବାହାନ ପ୍ରଥମେ ରାକ୍ଷସ ଥିଲା ।ଯାହାକୁ ଗଣେଶ ପ୍ରଭୁ ମୂଷା କରିଦେଇଥିଲେ। ତା'ପରେ ତାଙ୍କ ପ୍ରାର୍ଥନା କ୍ରମେ ଗଣେଶ ପ୍ରଭୁ ତାଙ୍କୁ ନିଜର ବାହନ କରି ରଖିଲେ ।ସେହି ଦିନ ଠାରୁ ଗଣେଶ ଜୀଙ୍କୁ ମ ୂ ଶ କ ର । ଜ କୁହାଯାଏ ।କୁହାଯାଏ ଗଣେଶ ଜୀଙ୍କର ଲେଖିବାରେ ଏକ ବିଶେଷ ଦକ୍ଷତା ଅଛି। ଏହାର କାରଣ ହେଉଛି ଯେତେବେଳେ ରୁଷି ବେଦ ଭାୟ ଜୀଙ୍କର ଏପରି ଜଣେ ବ୍ୟକ୍ତି ଆବଶ୍ୟକ ଥିଲା, ଯିଏ ମହାଭାରତର ପୁରା କାହାଣୀକୁ ଗୋଟିଏ ଥର ବନ୍ଦ ନକରି ଲେଖିପାରେ, ସେତେବେଳେ ଗଣେଶ ଜୀ ମହାଭାରତ ଲେଖିଥିଲେ ।ଭଗବାନ ଗଣେଶଙ୍କର ଲାଲ ଏବଂ ସିନ୍ଦୁର ରଙ୍ଗ ପ୍ରିୟ , ଯେଉଁଥିପାଇଁ ତାଙ୍କୁ ନାଲି ରଙ୍ଗର ଫୁଲ ଅର୍ପଣ କଲେ ସେ ଖୁସି ହୁଅନ୍ତି ।ଗଣପତି ବାପ୍ପାଙ୍କ ଦର୍ଶନ ସର୍ବଦା ଆଗରୁ କରାଯିବା ଉଚିତ । କୁହାଯାଏ ଯେ ଦାରିଦ୍ରତା ସେମାନଙ୍କ ପଛ ପାର୍ଶ୍ୱରେ ରହିଥାଏ, ତେଣୁ ଗଣେଶ ଜୀଙ୍କୁ ପଛ ପାର୍ଶ୍ୱରୁ ଦେଖିବା ଉଚ୍ଚି ନୁହେଁ ।

## ଘରେ ସୁଖ ସମୃଦ୍ଧି ନିମନ୍ତେ ଯୁଧିଷ୍ଠିରଙ୍କୁ ଏହି ଉପାୟ ଅବଲମ୍ବନ କରିବାକୁ କହିଥିଲେ ଶ୍ରୀକୃଷ୍ଣ



ଭଗବାନ ଶ୍ରୀକୃଷ୍ଣ ରଣଭୂମୀରେ ଅର୍ଜ୍ଜୁନଙ୍କୁ ଅସ୍ତ୍ର ଉଠାଇବାକୁ କେବଳ ପ୍ରେରିତ କରିନଥିଲେ। ଏହି ଛଳରେ ସେ ଯେଉଁ ଅମୂଲ୍ୟ ଉପଦେଶମାନେ ଦେଇଥିଲେ ଭଗବତ ଗୀତା ଭାବେ ଆଜି ବି ସମଗ୍ର ମନବ ସମାଜକୁ ଦିଗଦର୍ଶନ ଦେଇଆସୁଛି। ଜୀବନରେ ସୁଖ, ଦୁଃଖ, ବିପଦ ଆଦି ସମ୍ପର୍କରେ ଗୀତା ରୂପକ ମାଳାରେ ସେ ଶ୍ଲୋକର ଯେଉଁ ମୋତି ଗୁନ୍ଥିଥିଲେ ତାହା ପ୍ରତିଟି ମାନବର ପଥ ପ୍ରଦର୍ଶନ ନିମନ୍ତେ ଅର୍ପିତ ହୋଇଛି। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଶ୍ଲୋକରେ ଯେଉଁ ସନ୍ଦେଶ ଦେଇଥିଲେ ତାକୁ ଧର୍ମରାଜ ଯୁଦ୍ଧିଷ୍ଠିର ଜୀବନର ସୂତ୍ରରେ ରୂପାନ୍ତରିତ କରିଥିଲେ। ଉତ୍ତମ ମାନର ଜୀବନଧାରଣ ନିମନ୍ତେ ଯୁଦ୍ଧିଷ୍ଠିରଙ୍କୁ ଗୃହରେ ସର୍ବଦା ୫ଟି ଜିନିଷ ସାଇତି ରଖିବାକୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ ।ଯେଉଁଗୁଡିକ ଜୀବନକୁ ସୁଖୀ ଓ ସମୃଦ୍ଧ କରିବାକୁ ଯଥେଷ୍ଟ ।ଏଥିରେ ଭଗବାନ କୃଷ୍ଣ ଜଳକୁ ସର୍ବାଧିକ ମହତ୍ୱ ଦେଇଥିବା ବେଳେ ଚନ୍ଦନ, ଗୋ ଘୃତ, ମହୁ ଓ ବୀଣା ରଖିବାକୁ କହିଥିଲେ ।ଭଗବାନ ଶ୍ରୀକୃଷ୍ଣ ଯୁଦ୍ଧିଷ୍ଠିରଙ୍କୁ ତାଙ୍କ ରାଜ୍ୟରେ ସମୁଚିତ ଜଳର ବ୍ୟବସ୍ଥା କରିବାକୁ କହିଥିଲେ। ଯେପରି ରାଜ୍ୟର ପ୍ରଜା ଜଳ କଷ୍ଟ ଜନିତ ସମସ୍ୟାରେ ନ ପଡନ୍ତି। ବିଭିନ୍ନ ହିନ୍ଦୁ ଧର୍ମଗ୍ରଂଥରେ ଜଳର ମହିମାମୟ ବର୍ଣ୍ଣନା ବି ମିଳେ। ଘରେ ଶୁଦ୍ଧ ଜଳର ଉପସ୍ଥିତି ପରିବେଶକୁ ସକାରାତ୍ମକ ରଖିଥାଏ। ଶ୍ରୀକୃଷ୍ଣ ଘରେ ଚନ୍ଦନ ରଖିବା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ ।ଏଥିଲାଗି ତାଙ୍କୁ ସାପମାନଙ୍କର ଉଦାହରଣ ବି ଦେଇଥିଲେ। ଚନ୍ଦନ ଗଛରେ ସାପ ଗୁଡେଇ ହୋଇ ରହନ୍ତିୟ ହେଲେ ଚନ୍ଦନର ଗୁଣ ଉପରେ ସାପମାନଙ୍କ ବିଷ ତତ୍ୱ ନଥାଏ। ସେହିପରି ଘରେ ଉତ୍କୃଷ୍ଟ ଚନ୍ଦନର ଉପସ୍ଥିତି ଘରର ସମସ୍ତ ନକରାତ୍ମକତା ନାଶ କରି ଖରାପ ଶକ୍ତିଙ୍କ କବଳରୁ ଘରକୁ ରକ୍ଷା କରିଥାଏ ।ଗ୍ରାହ୍ୟସ୍ଥଙ୍କ ଘରେ ଗୋ ଘୃତ ରଖିବା ଅପରିହାର୍ଯ୍ୟ ବୋଲି ଯୁଦ୍ଧିଷ୍ଠିରଙ୍କୁ ଶ୍ରୀକୃଷ୍ଣ କହିଥିଲେୟ ଏମିତିରେ ଶ୍ରୀକୃଷ୍ଣଙ୍କ ବାଲ୍ୟ ଜୀବନ ଗୋ ଗୋଷ୍ଠରେ ବିତିଥିଲା ।ଗୋ ସେବାକୁ ମାନବର ପରମଧର୍ମ ବୋଲି ଶ୍ରୀକୃଷ୍ଣ ନିଜ ଉକ୍ତିରେ ବି କହିଛନ୍ତି। ଏଥିରେ ଗୋ ଘୃତର ଘରେ ଅବସ୍ଥାନ ସମସ୍ତ ନକରାତ୍ମକତାର ନାଶକୁ ବୁଝାଏ। ପୂଜା ସ୍ଥାନରେ ଗୋ ଘୃତର ଦୀପଟିଏ ପ୍ରଜ୍ୱଳନ ଘରର ସୁଖ ସମୃଦ୍ଧିକୁ ଆମନ୍ତ୍ରଣ କରିଥାଏ ।ସେହିପରି ମହୁକୁ ଅତ୍ୟନ୍ତ ପବିତ୍ର ପ୍ରାକୃତିକ ଖାଦ୍ୟ ପଦାର୍ଥ ବୋଲି କହିଛନ୍ତି ଶ୍ରୀକୃଷ୍ଣୟ ମହୁ ଯୋଗୁ ଗୃହର ବାତାବରଣ ବିଶୁଦ୍ଧ ରହିବା ସହ ସକରାତ୍ମକତା ସୃଷ୍ଟି ଲାଗି ଏଥିରେ ଅପୂର୍ବ ଶକ୍ତି ରହିଛି। ଏଣୁ ଘରେ ଘୃତ ଭଳି ମହୁକୁ ସ୍ଥାନ ଦେବା ସହ ଏହାର ନିତ୍ୟ ବ୍ୟବହାର ଉପରେ ବି ଗୁରୁତ୍ୱ ଦେଇଥିଲେ। ଏହା ଛଡା ବାଦ୍ୟ ଯନ୍ତ୍ର ବୀଣାର ଘରେ ଉପସ୍ଥିତିକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କହିଛନ୍ତି। ବୀଣା ବାଗଦେବୀ ସରସ୍ୱତୀଙ୍କ ପ୍ରୀୟ ବାଦ୍ୟୟ ଏଣୁ ବୀଣା ଥିବା ସ୍ଥାନକୁ ସରସ୍ୱତୀଙ୍କ ଆଗମନ ହୋଇଥାଏ। ଫଳରେ ଗୃହରେ ଭଗବତୀଙ୍କ ନିବାଶ ଯୋଗୁ ଲୋକଙ୍କ ବୁଦ୍ଧିର ବି ବିକାଶ ହୋଇଥାଏ। ଏଣୁ ଘରେ ବୀଣାଟିଏ ବି ରଖିବାକୁ ଯୁଦ୍ଧିଷ୍ଠିରଙ୍କୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ।

## ଘରେ ଏସବୁ କାମ କରିଲେ ଛାଡି ପଳାଇବେ ଲକ୍ଷ୍ମୀ

ଅନେକ ସମୟରେ ଆମେ ଦେଖୁ ଘରେ ଅଯଥାରେ ଅଶାନ୍ତି ଲାଗିରହିଥାଏ । ଅର୍ଥର ସଙ୍କଟ ମଧ୍ୟ ଦେଖାଦେଇଥାଏ । ଆମେ ଭାବିଥାଉ ଏହା ଘରର ବାସ୍ତୁ



ଦୋଷ ପାଇଁ ହେଉଛି । ମାତ୍ର ଏହା କେବଳ ଘରର ବାସ୍ତୁ ଦୋଷରୁ ହୋଇନଥାଏ । ଘରର ସଦସ୍ୟ ମାନଙ୍କର ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଯୋଗୁଁ ମଧ୍ୟ ଘରେ ଏଭଳି ଅଶାନ୍ତି ଲାଗିରହିଥାଏ । ତେଣୁ ଘରେ ଅଶାନ୍ତି ନହେବା ପାଇଁ ଏଭଳି ଅଶୁଭ କାମ ସବୁ କେବେ କରନ୍ତୁ ନାହିଁ । ଘରେ କେବେ ହେଲେ ବି ଖଟ ଉପରେ ବସି ଖାଆନ୍ତୁନାହିଁ । ଏଭଳି କରିବା ଦ୍ୱାରା ଘରେ ସବୁବେଳେ ଅଶାନ୍ତି ବୃଦ୍ଧି ପାଇଥାଏ । ଘରଲୋକଙ୍କ ପାଖରେ କେବେ ହେଲେ ବି ଅର୍ଥ ରହେନାହିଁ । ଘରର ମୁଖ୍ୟ ଦ୍ୱାରରେ କେବେ ହେଲେ ଅଳିଆ ଆବର୍ଜନା ରଖନ୍ତୁ ନାହିଁ । ଏଭଳି କରିବା ଦ୍ୱାରା ପଡୋଶୀମାନେ ଶତ୍ରୁ ହୋଇଯିବେ । ରାତିରେ ଅଇଁଠା ବାସନ ରଖନ୍ତୁ ନାହିଁ । ବାସନକୁ ଧୋଇକରି ରଖନ୍ତୁ । ରାତିରେ ଅଇଁଠା ବାସନ ରଖିବା ଦ୍ୱାରା ଅର୍ଥହାନି ହୋଇଥାଏ । ଘରେ କେବେ ହେଲେ ଝାଡୁକୁ ଛିଡା କରି ରଖନ୍ତୁନାହିଁ । ଝାଡୁରେ କେବେହେଲେ ଗୋଡ ଲଗାନ୍ତୁନାହିଁ। ଘରେ ଝାଡୁକୁ ସବୁବେଳେ ଲୁଚାଇ ରଖନ୍ତୁ । ନଚେତ୍ ଘରେ ଦାରିଦ୍ର୍ୟ ଦେଖାଦେବ। କେବେ ଆରତୀ, ଦୀପ, ହୋମ ଅଗ୍ନିକୁ ମୁହଁରେ ଫୁଙ୍କି ଲିଭାନ୍ତୁ ନାହିଁ ।

# ନଗରନକ୍ସା

ମହାନଗରର ନିଜ ଭାଷା




## ୧୮୪ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ଭୁବନେଶ୍ୱର, ୧୨।୯ **(ମହାଭାରତ):** ଜୁଲାଇ ୨୦୨୬ ତ୍ରୈମାସିକ ଶେଷ ପର୍ଯ୍ୟନ୍ତ କାର୍ଯ୍ୟଦକ୍ଷତାର ସମୀକ୍ଷା ପାଇଁ ଓଡ଼ିଶା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ୍ କମିଟି(ଏସଏଲବିସି)ର ୧୮୪ତମ ବୈଠକ ଶନିବାର ଭୁବନେଶ୍ୱରରେ ଉନ୍ନୟନ କମିଶନର୍ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର୍ ଶ୍ରୀ ଦେଓରଞ୍ଜନ କୁମାର ସିଂ ଅଧ୍ୟକ୍ଷତା କରି ସମସ୍ତ କ୍ଷେତ୍ରରେ ସନ୍ତୁଳିତ ଓ ସମାବେଶୀ ଅଭିବୃଦ୍ଧି ସହ ବିକଶିତ ଓଡ଼ିଶା ୨୦୨୩୬ ଏବଂ ବିକଶିତ ଭାରତ ୨୦୪୭ର ଭିଜନ୍ ସଫଳ କରିବା ଦିଗରେ ସମସ୍ତ ବ୍ୟାଙ୍କ୍ ରାଜ୍ୟସରକାରଙ୍କ ସହ ସହଯୋଗ ପୂର୍ବକ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ । ଏହି ପରିପ୍ରେକ୍ଷୀରେ ସେ ସମସ୍ତ ବ୍ୟାଙ୍କ୍ ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରି ଚଳିତ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ନିମନ୍ତେ ସମ୍ମିଳିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ଉନ୍ନୟନ କମିଶନର ଶ୍ରୀ ସିଂ କହିଥିଲେ ଯେ, ଲୌହଇସ୍ପାତ, କ୍ରୋମାଇଟ୍ ପରି ଖଣିଜ ସମ୍ପଦ ଆମ ରାଜ୍ୟର ପ୍ରମୁଖ ଉତ୍ପାଦ ଭାବେ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରୁଛି। ସେହିପରି ପ୍ରାୟ ୫୭୫ କି.ମିର ବିସ୍ତୃତ ଉପକୂଳ ଉଭୟ ପର୍ଯ୍ୟଟନ ଏବଂ ବନ୍ଦର ମାଧ୍ୟମରେ ଶିଳ୍ପର ବିକାଶ ନିମନ୍ତେ ଆମକୁ ପ୍ରଚୁର ସୁଯୋଗ ପ୍ରଦାନ କରିଛି। ଆମ ରାଜ୍ୟର ଯୁବପିଢ଼ିର ଦକ୍ଷତା ବିକାଶ ମାଧ୍ୟମରେ ଆଗାମୀ ଦିନରେ ପ୍ରମୁଖ ମାନବସମ୍ବଳ ଭାବେ ବିଭିନ୍ନ କ୍ଷେତ୍ରରେ ଉପଯୋଗ କରିବା ନିମନ୍ତେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି କ୍ଷ ବର୍ତ୍ତମାନ ଅନେକ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଷ୍ଠାନ ଓଡ଼ିଶାରେ ପୁଞ୍ଜିନିବେଶ କରିବା ନିମନ୍ତେ ଆଗ୍ରହ ପ୍ରକାଶ କରୁଛନ୍ତି। ଏ ସମସ୍ତ ଅନୁକୂଳ ପରିବେଶର ଯଥାର୍ଥ ବିନିଯୋଗ ଦ୍ୱାରା ଆମର ଆବଶ୍ୟକ ଆର୍ଥିକ ଅଭିବୃଦ୍ଧି ହାସଲ କରିବା ନିମନ୍ତେ ଆମ ପାଖେ ଭରପୁର ସୁଯୋଗ ରହିଛି। ଆଗାମୀ ଦିନରେ ପୂର୍ବ ଭାରତର ଅର୍ଥନୀତିର ନେତୃତ୍ୱ ନେବା ନିମନ୍ତେ ଆମ ରାଜ୍ୟ ଓଡ଼ିଶା ଏବେ ପ୍ରସ୍ତୁତ ହେଉଛି।




ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା , ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା, ଅଟଳ ପେନସନ୍ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପିଏମ୍ ସୂର୍ଯ୍ୟ ଘର - ମାଗଣା ବିଜୁଳି ଯୋଜନା, ପିଏମ୍ ଏମ୍ପ୍ଲୟମେଣ୍ଟ ଜେନେରେସନ୍ ପ୍ରୋଗ୍ରାମ୍ , ପିଏମଏଫ୍ଏମ୍ଇ , ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆଦି ବିବିଧ ଯୋଜନାର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା।

ମହିଳା ଉଦ୍ୟୋଗୀମାନଙ୍କୁ ଅଧିକ ଋଣ ସହାୟତା ପ୍ରଦାନ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ଠାରୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଦିଗକୁ ସେମାନଙ୍କର ଅଗ୍ରଗତିକୁ ପ୍ରୋତ୍ସାହନ ଦିଆଯିବା ନିମନ୍ତେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା କ୍ଷ ମହିଳା ସଶକ୍ତିକରଣ ସମ୍ପ୍ରତି ଜାତୀୟସ୍ତରରେ ଓଡ଼ିଶାର ପରିଚୟ ପାଲଟିଥିବା ବେଳେ ଲକ୍ଷପତି ଦିଦିଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଆମ ଆର୍ଥିକ ବ୍ୟବସ୍ଥାର ବଡ଼ ଉପଲବ୍ଧି ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୀବ କୁମାର ମିଶ୍ର କେନ୍ଦ୍ର ତଥା ରାଜ୍ୟସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକର ରୂପାୟନ ନିମନ୍ତେ ବ୍ୟାଙ୍କମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କୃଷି ଓ ଆନୁସଙ୍ଗିକ କ୍ଷେତ୍ର, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରକୁ ପ୍ରାଥମିକତା ଦେଇ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ଧାର୍ଯ୍ୟ ବାର୍ଷିକ ଋଣ ଯୋଜନା ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗର ଯୁଗ୍ମ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ ରାଜ୍ୟର କ୍ରେଡିଟ୍ - ଡିପୋଜିଟ୍ ଅନୁପାତକୁ ଜାତୀୟ ହାର ସହ ସମକକ୍ଷ କରିବା ପାଇଁ ଏଥିରେ ଉନ୍ନତି ଆଣିବାର ଆବଶ୍ୟକତା ଉଲ୍ଲେଖ କରିବା ସହ ରାଜ୍ୟରେ ଅଟଳ ପେନସନ୍ ଯୋଜନାର ସଫଳ ରୂପାୟନକୁ ପ୍ରଶଂସା କରିଥିଲେ।

## ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ସଚେତନତା

ଭୁବନେଶ୍ୱର, ୧୨।୯ **(ମହାଭାରତ):** ଶିକ୍ଷକ ଦିବସର ପବିତ୍ର ଅବସରରେ ଓଡ଼ିଶା ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଏକ ବୃହତ୍ ଉଦ୍ୟାନ କୃଷି ସଚେତନତା ଓ ପ୍ରସାର କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଯୁବପିଢ଼ିଙ୍କୁ ବ୍ୟବହାରିକ ବୈଷୟିକ ଜ୍ଞାନକୌଶଳ ଏବଂ ଆତ୍ମନିଯୁକ୍ତି କ୍ଷେତ୍ରରେ ସକ୍ଷମ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଅଭିଯାନରେ ୨୨୦ରୁ ଅଧିକ ମହାବିଦ୍ୟାଳୟର ୨୬,୯୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ଷେତ୍ର ସ୍ତରୀୟ ଅଧିକାରୀ, ଯେପରିକି ଉପ-ଉଦ୍ୟାନ କୃଷି ନିର୍ଦ୍ଦେଶକ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏବଂ ସହକାରୀ କୃଷି ଯନ୍ତ୍ରୀ ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରି ଶିକ୍ଷାଗତ ଜ୍ଞାନକୁ ବ୍ୟବହାରିକ କୃଷି ପ୍ରଣାଳୀ ସହ ଯୋଡ଼ିବା ପାଇଁ ଛାତ୍ରଛାତ୍ରୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ।

ଓଡ଼ିଶାର ବିବିଧ କୃଷି-ଜଳବାୟୁ ପରିସ୍ଥିତିକୁ ବିନିଯୋଗ କରି ଉଦ୍ୟାନ କୃଷି ମାଧ୍ୟମରେ ଚାଷୀଙ୍କ ରୋଜଗାର ବୃଦ୍ଧି, କୃଷି ବିବିଧିକରଣ ଏବଂ ଗ୍ରାମୀଣ ନିଯୁକ୍ତି ସୃଷ୍ଟି କରିବାର ବିପୁଳ ସମ୍ଭାବନା ରହିଛି, ଯାହା ରାଜ୍ୟ ଅର୍ଥନୈତିକ ସର୍ବେକ୍ଷଣରେ ମଧ୍ୟ ଉଲ୍ଲେଖ କରାଯାଇଛି। ଏହି ସମ୍ଭାବନାକୁ ବାସ୍ତବ ଅର୍ଥନୈତିକ ସୁଯୋଗରେ ରୂପାନ୍ତରିତ କରିବା ପାଇଁ ନିର୍ଦ୍ଦେଶାଳୟ ପକ୍ଷରୁ କୃଷି କ୍ଷେତ୍ରର ସମ୍ପ୍ରସାରଣ, ଗୁଣାତ୍ମକ ଉତ୍ପାଦନ, ସୁରକ୍ଷିତ ଚାଷ, ଛତୁ ଚାଷ, ମହୁମାଛି ପାଳନ, ଅମଳ ପରବର୍ତ୍ତୀ ପରିଚାଳନା, ମୂଲ୍ୟ ବୃଦ୍ଧି (ଠବକ୍ଷଙ୍କର ଇୟୟସଭ୍ୱସକ୍ଟଭ) ଏବଂ ବଜାର ସଂଯୋଗୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରାଯାଇଥିଲା। ବ୍ୟବହାରିକ ପ୍ରଶିକ୍ଷଣ ଏବଂ କ୍ଷେତ୍ର ପ୍ରଦର୍ଶନୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ସ୍ୱାବଲମ୍ବୀ ହେବା ଏବଂ କୃଷି-ଉଦ୍ୟୋଗ କ୍ଷେତ୍ରକୁ କ୍ୟାରିଅର ଭାବେ ଆପଣାଇବା ପାଇଁ ଆବଶ୍ୟକ ଦକ୍ଷତା ଯୋଗାଇ ଦେଇଛି।

## ମୃତ୍ତିକା ସଂରକ୍ଷଣ ଅଧିକାରୀ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୧୨।୯ **(ମହାଭାରତ):** ଦୁର୍ନୀତି ବିରୋଧୀ ଅଭିଯାନରେ ଓଡ଼ିଶା ଭିଜିଲାନ୍ସକୁ ଏକ ବଡ଼ ସଫଳତା ମିଳିଛି। ବୌଦ୍ଧ ଜିଲ୍ଲା ପୁରୁଣାକଟକର ପୂର୍ବତନ ମୃତ୍ତିକା ସଂରକ୍ଷଣ ଅଧିକାରୀ କାର୍ତ୍ତିକେଶ୍ୱର ସାହୁଙ୍କୁ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି।

ଓଡ଼ିଶା ଭିଜିଲାନ୍ସର ସୂଚନା ଅନୁଯାୟୀ, ଅବସରପ୍ରାପ୍ତ ଅଧିକାରୀ ସାହୁଙ୍କ ବିରୋଧରେ ତାଙ୍କ ଜଣାଶୁଣା ଆୟର ଉତ୍ସଠାରୁ ଅଧିକ ସମ୍ପତ୍ତି ରଖିଥିବା ଅଭିଯୋଗରେ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହ ଧାରା ୧୩(୧)(ଇ) ଅନୁଯାୟୀ ମାମଲା ରୁଜୁ କରାଯାଇ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ମାମଲାର ଶୁଣାଣି ପରେ ଫୁଲବାଣୀର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ୩୧ ଅଗଷ୍ଟ ୨୦୨୬ରେ କାର୍ତ୍ତିକେଶ୍ୱର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷ କଠୋର କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଦାଲତ ତାଙ୍କ ଉପରେ ୫୦ ହଜାର ଟଙ୍କା ଜରିମାନା ମଧ୍ୟ ଲାଗୁ କରିଛନ୍ତି।

ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ, ତାଙ୍କ ଜଣାଶୁଣା ଆୟର ଉତ୍ସଠାରୁ ଅଧିକ ସମ୍ପତ୍ତି ଅର୍ଜନ କରିଥିବା ସହ ଏହି ମାମଲା ସମ୍ପୃକ୍ତ। ଅଭିଯୋଗ ପକ୍ଷ ଦ୍ୱାରା ଉପସ୍ଥାପିତ ମାମଲାର ଶୁଣାଣି ପରେ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ଦୋଷସିଦ୍ଧି ପରେ ଓଡ଼ିଶା ଭିଜିଲାନ୍ସ ଏବେ କାର୍ତ୍ତିକେଶ୍ୱର ସାହୁଙ୍କ ପେନସନ୍ ବନ୍ଦ କରିବା ପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଆବଶ୍ୟକ ପଦକ୍ଷେପ ଆରମ୍ଭ କରିବ। ଭିଜିଲାନ୍ସ ବିଭାଗ କହିଛି ଯେ, ଦୋଷ ସାବ୍ୟସ୍ତ ହେବା ପରେ ପ୍ରଚଳିତ ନିୟମ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ଏଆଇ ଓ ଡିଜିଟାଲ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ହେବେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୨।୯ **(ମହାଭାରତ):** ଉଚ୍ଚଶିକ୍ଷା ବିଭାଗ ଏବଂ ସିଏସଆର ବକ୍ସ, ନନ୍ଦୀ ଫାଉଣ୍ଡେସନ ଏବଂ ଓକେସିଏଲ ଆଦି ଅନୁଷ୍ଠାନ ମଧ୍ୟରେ ୩ଟି ବୁଝାମଣା ପତ୍ର ସ୍ୱାକ୍ଷରିତ କରିଛି। ଏଥିସହ ନାସକମ୍ ସହାଭାଗିତାରେ 'ଏଆଇ କୋର୍ସ ଫର୍ ଅଲ୍' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଓଡ଼ିଶାର ୪୦ଜଣ ଅଧ୍ୟାପକଙ୍କୁ ଇଡିଆଇଆଇ, ଅହମଦାବାଦ ଅନୁଷ୍ଠାନକୁ ଏକ୍ସପୋଜର ଭିଜିଟ୍ ପାଇଁ ପଠାଇବା, ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନ ଓ ଶିକ୍ଷକଙ୍କର କାର୍ଯ୍ୟ ଦକ୍ଷତା ପାଇଁ 'ଆକାଡେମିକ୍ ପରଫରମାନ୍ସ ଆସେସମେଂଟ ପୋର୍ଟାଲ' ଏବଂ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ପରୀକ୍ଷାମାନଙ୍କରେ ପ୍ରଶ୍ନପତ୍ରର ଗୁଣବତାକୁ ସୁନିଶ୍ଚିତ କରିବା ପାଇଁ 'ପ୍ରଶ୍ନବ୍ୟାଙ୍କ ପୋର୍ଟାଲ'ର ଶୁଭାରମ୍ଭ ହୋଇଛି।

କଳିଙ୍ଗ ଷ୍ଟାଡିୟମ୍ ଟେନିସ ସେଂଟର ଅଡିଟୋରିୟମ୍ ରେ ଅନୁଷ୍ଠିତ ହୋଇଥିବା ଆଜିର କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ଉଚ୍ଚଶିକ୍ଷା ବିଭାଗ ଓ ଆଇବିଏମ୍-ସିଏସଆର ବକ୍ସ ମଧ୍ୟରେ ହୋଇଥିବା ବୁଝାମଣା ପତ୍ର ସ୍ୱାକ୍ଷର ମାଧ୍ୟମରେ ରାଜ୍ୟର ୧ ଲକ୍ଷ ୨୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କର




ଦକ୍ଷତା ବିକାଶ କରାଯିବ। କଳା, ବିଜ୍ଞାନ ଓ ବାଣିଜ୍ୟ ଷ୍ଟ୍ରିମ୍ ର ଛାତ୍ରଛାତ୍ରୀମାନଙ୍କୁ ଏହା ଅଧୀନରେ ଅନ୍ତର୍ଭୁକ୍ତ କରାଯିବ। କୃତ୍ରିମ ବୁଦ୍ଧିମତା (ଏଆଇ), ଡିଜିଟାଲ ସାକ୍ଷରତା, ଏଂଟ୍ରପ୍ରାଇଜ ଡିଜାଇନ ଥିଙ୍କିଙ୍ଗ, ପ୍ରୋଜେକ୍ଟ ମ୍ୟାନେଜମେଂଟ ଆଦି ବିଷୟବସ୍ତୁ ଉପରେ ଛାତ୍ରଛାତ୍ରୀମାନଙ୍କୁ ଅନ୍‌ଲାଇନ କୋର୍ସ, ବିଭିନ୍ନ କର୍ମଶାଳା ଏବଂ ପ୍ରୋଜେକ୍ଟ ଲର୍ନିଙ୍ଗ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ବିଶେଷ ଭାବରେ ଓଡ଼ିଶାର ଉପାନ୍ତ ଓ ଆକାଂକ୍ଷୀ ଜିଲ୍ଲାର ୧୦୭ଟି ଉଚ୍ଚଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏଥିସହ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କର କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଦକ୍ଷତା ବିକାଶ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯିବ।

ଉଚ୍ଚଶିକ୍ଷା ବିଭାଗ ଓ ନନ୍ଦୀ ଫାଉଣ୍ଡେସନ ମଧ୍ୟରେ ହୋଇଥିବା ବୁଝାମଣା ପତ୍ର ସ୍ୱାକ୍ଷର ମାଧ୍ୟମରେ ସ୍ନାତକ ଓ ସ୍ନାତକୋତର ପାଠ୍ୟକ୍ରମରେ ଅଧ୍ୟୟନରତ ଶେଷ ବର୍ଷର ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ଅଧୀନରେ ଛାତ୍ରୀମାନଙ୍କୁ ଅଫ୍‌ଲାଇନ ମୋଡରେ ବିତୀୟ ସାକ୍ଷରତା, କ୍ରିଟିକାଲ ଥିଙ୍କିଙ୍ଗ, ପବ୍ଲିକ ସ୍ପିକିଙ୍ଗ, କମ୍ୟୁନିକେସନ ସ୍କିଲ ଆଦି କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ଯାହାକି ନିଯୁକ୍ତି କ୍ଷେତ୍ରରେ ଛାତ୍ରୀମାନଙ୍କ ପାଇଁ ସହାୟକ ହେବ।

ଓକେସିଏଲ ସହ ହୋଇଥିବା ବୁଝାମଣା ପତ୍ର ସ୍ୱାକ୍ଷର ମାଧ୍ୟମରେ ଡିଜିଟାଲ ମୋଡରେ ଛାତ୍ରଛାତ୍ରୀମାନଙ୍କୁ ୩୦ ଘଂଟାର କମ୍ୟୁନିକେସନ ସ୍କିଲ ପ୍ରୋଗ୍ରାମ, ୧୦ ଘଂଟାର ଏଆଇ ଆଧାରିତ କୋର୍ସ ଏବଂ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ୫ ଘଂଟାର ଏଆଇ ଓରିଏନଂଟେସନ କୋର୍ସ ପ୍ରଦାନ କରାଯିବ। ନାସକମ୍ ସହଭାଗିତାରେ ଆଜି 'ଏଆଇ କୋର୍ସ ଫର ଅଲ୍' କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ ହୋଇଛି। ଏହା ମାଧ୍ୟମରେ ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଏବଂ କାର୍ଯ୍ୟରତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କର ଏଆଇ କ୍ଷେତ୍ରରେ ଦକ୍ଷତା ବିକାଶ କରାଯିବ। ଅନ୍‌ଲାଇନ ମାଧ୍ୟମରେ ଏଆଇ କୋର୍ସ ପ୍ରଦାନ କରାଯିବା ଦ୍ୱାରା ୧ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ଲକ୍ଷ୍ୟ ରଖାଯାଇଛି।

## ପ୍ରେରଣା ଦେବା, ମାର୍ଗଦର୍ଶନ କରିବା ଗୁରୁଙ୍କ ପ୍ରକୃତ କାର୍ଯ୍ୟ

ଭୁବନେଶ୍ୱର, ୧୨।୯ **(ମହାଭାରତ):** ପ୍ରକୃତି ଠାରୁ ଆରମ୍ଭ କରି ସମାଜର ପ୍ରତ୍ୟେକ ବ୍ୟକ୍ତି ଆମର ଗୁରୁ । କେବଳ ଶିକ୍ଷାନୁଷ୍ଠାନରେ ଥିବା ବ୍ୟକ୍ତି ଶିକ୍ଷକ ନୁହଁନ୍ତି, ଆମକୁ ରିକ୍ସାରେ ନେଉଥିବା ବ୍ୟକ୍ତି କିମ୍ବା ଛୋଟ ବିକାଳି ବି ପ୍ରତି ମୁହୂର୍ତ୍ତରେ ଆମକୁ ଶିକ୍ଷା ଦେଉଛନ୍ତି। ପ୍ରେରଣା ଦେବା, ମାର୍ଗଦର୍ଶନ କରିବା ଓ ବୁଝେଇବା ହିଁ ଗୁରୁଙ୍କ ପ୍ରକୃତ କାର୍ଯ୍ୟ ବୋଲି ପବିତ୍ର ଗୁରୁ ଦିବସ ଅବସରରେ ସମ୍ବଲପୁରରେ ଆୟୋଜିତ 'ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ'ରେ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି ।

'ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀ' ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ମହାନ୍ ଦାର୍ଶନିକ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହାସହ ଦେଶ ଓ ସମାଜ ଗଢୁଥିବା ସମସ୍ତ ଗୁରୁଜନମାନଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇବା ସହ ଉପସ୍ଥିତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେ କହିଛନ୍ତି, ମହାଭାରତରେ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ନଥିଲେ ମହାନ୍ ଯୋଦ୍ଧା ତିଆରି ହୋଇପାରିନଥାନ୍ତେ ଏବଂ ଶ୍ରୀକୃଷ୍ଣ ମାର୍ଗଦର୍ଶକ ନଥିଲେ ମହାଭାରତର ଫଳାଫଳ ଅଲଗା ହୋଇଥାନ୍ତା । ସେହିପରି ପୂଜ୍ୟ ଶଙ୍କରାଚାର୍ଯ୍ୟ ନଥିଲେ ବିଶ୍ୱରେ ସନାତନ ଧର୍ମର ସ୍ଥିତି ଶୋଚନୀୟ ହୋଇଥାନ୍ତା। ସେହିପରି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍



ସ୍ୱାଧୀନତା ପରବର୍ତ୍ତୀ ଭାରତର ଶିକ୍ଷା ବ୍ୟବସ୍ଥାର ମାର୍ଗ ଦେଖାଇଥିଲେ। ଭାରତ ଆଜି ହଜାରେ ବର୍ଷର ପରାଧୀନତା ଗ୍ଳାନିରୁ ବାହାରି ବିକାଶର ଏକ ଲମ୍ଫ ଡେଇଁବାକୁ ପ୍ରସ୍ତୁତ, ଏହି ମହାନ ପରିବର୍ତ୍ତନରେ ଆମ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଯୋଗଦେବାକୁ ପଡ଼ିବ।

ଶ୍ରୀ ପ୍ରଧାନ କହିଛନ୍ତି, ଆଜିର ଆଧୁନିକ କୃତ୍ରିମ ବୁଦ୍ଧିମତା ବା ଏଆଇ କମ୍ ସମୟରେ ଅନେକ ପ୍ରଶ୍ନର ଉତର ଦେଇପାରେ, କିନ୍ତୁ ସେହି ଉତରକୁ ବୁଝିବା ଓ ବୁଝାଇବା ପାଇଁ ଜଣେ ଗୁରୁଙ୍କ ଆବଶ୍ୟକତା ସଦାସର୍ବଦା ରହିବ । ସେ ଆହୁରି କହିଛନ୍ତି, ଆମର ମୁଖ୍ୟ ଲକ୍ଷ୍ୟ ହେଉଛି ଆମେ ପିଲାଙ୍କୁ ଆତ୍ମସ୍ୱାଭିମାନୀ, ସାହସୀ ଓ ନିର୍ଭୟୀ କରିବା । ଏଥିପାଇଁ ଶିକ୍ଷା ସହ ସେମାନଙ୍କ ଦକ୍ଷତାକୁ ବଢ଼ାଇବାକୁ ପଡ଼ିବ। ପିଲାମାନେ ରୋଜଗାରକ୍ଷମ ଓ ଆତ୍ମନିର୍ଭରଶୀଳ ନ ହେବା ପର୍ଯ୍ୟନ୍ତ ଶିକ୍ଷଣ ଫଳାଫଳ ଉପରେ ଧ୍ୟାନ ଦେଇ ଏକ ନୂତନ ସଂସ୍କୃତି ଗଢ଼ିବାକୁ ହେବ। ସମ୍ବଲପୁର ଜିଲ୍ଲାର ନବଜାତ ଶିଶୁରୁ ଆରମ୍ଭ କରି ପିଏଚଡି କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହେଉଛି ମୋଟ ୨ ଲକ୍ଷ ୭୫ ହଜାର । ତେବେ ଏହି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଏହି ଜିଲ୍ଲାର ଶିକ୍ଷାନୁଷ୍ଠାନଗୁଡ଼ିକ ହିଁ ଆମର ପ୍ରକୃତ ମେରୁଦଣ୍ଡ । ଏକବିଂଶ ଶତାବ୍ଦୀର ଅର୍ଦ୍ଧାଂଶରେ ଆମେ ଛିଡ଼ା ହୋଇଥିବା ବେଳେ ବର୍ତ୍ତମାନର ପିଲାମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଆମର କର୍ତ୍ତବ୍ୟ।

## ନଭେମ୍ବର ୩ରୁ ଓଡ଼ିଶା ପରିବେଶ କଂଗ୍ରେସ

ଭୁବନେଶ୍ୱର, ୧୨।୯ **(ମହାଭାରତ):** ଓଡ଼ିଶା ପରିବେଶ କଂଗ୍ରେସର ୧୭ତମ ଅଧିବେଶନର ସଫଳତା ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱରସ୍ଥିତ ଆଂଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଚଳିତ ବର୍ଷର ଅଧିବେଶନର ବିଷୟବସ୍ତୁ ରହିଛି 'ପରିବେଶ ଓ ପ୍ରଯୁକ୍ତି'। ଆସନ୍ତା ନଭେମ୍ବର ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଏହା ଦେଶର ପ୍ରତିଷ୍ଠିତ ବୈଷୟିକ ଶିକ୍ଷା ପ୍ରତିଷ୍ଠାନ ଏନ୍ ଆଇ ଟି ରାଉରକେଲାରେ ଅନୁଷ୍ଠିତ ହେବ।

ବୈଠକରେ ଓଡ଼ିଶାର ପରିବେଶ ସୁରକ୍ଷା, ନିରନ୍ତର ବିକାଶ ଏବଂ ପରିବେଶ କ୍ଷେତ୍ରରେ ପ୍ରଯୁକ୍ତିର ବ୍ୟବହାର ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ପରିବେଶ ଉପରେ ପ୍ରଯୁକ୍ତିର ପ୍ରଭାବ ଓ ସମ୍ପ୍ରତି ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ପ୍ରଯୁକ୍ତିର ବ୍ୟବହାର ର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା ।

ବୈଠକରେ ପରିବେଶ କଂଗ୍ରେସ ର ଅଧ୍ୟକ୍ଷ ଡ ଅରବିନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ ଏବଂ ସଂଗଠନର କାର୍ଯ୍ୟକାରୀ ସମ୍ପାଦକ ଶ୍ରୀ ସୁଦର୍ଶନ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏନ୍ଆଇଟି ରାଉରକେଲାର ଖଣିଜ ଶାସ୍ତ୍ର ବିଭାଗର ପ୍ରଫେସର ତଥା ପରିବେଶ କଂଗ୍ରେସର ସ୍ଥାନୀୟ ଆୟୋଜକ କମିଟିର ସଭାପତି ହିମାଂଶୁ ଶେଖର ସାହୁ ଯୋଗଦେଇ ୧୭ତମ ଓଡ଼ିଶା ପରିବେଶ କଂଗ୍ରେସ୍ ?ର ସମ୍ପୂର୍ଣ୍ଣ ଆୟୋଜନର ଯୋଜନା, କାର୍ଯ୍ୟକ୍ରମର ରୂପରେଖ ଓ ତାଙ୍କ ତରଫରୁ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ। ଆଗାମୀ ପରିବେଶ କଂଗ୍ରେସ ର ଅଧିବେଶନ ପାଇଁ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ତଥା ବିଭିନ୍ନ ଅଧିବେଶନର ଅଧ୍ୟକ୍ଷ ମାନଙ୍କର ଏକ ତାଲିକା ପ୍ରସ୍ତୁତ ହେବା ସହିତ ଦେଶ ବିଦେଶରୁ ଗବେଷଣା ଭିତିକ ପ୍ରବନ୍ଧ ଆହ୍ୱାନ ପାଇଁ ଲେଖକ ମାନଙ୍କୁ ଯୋଗାଯୋଗ କରିବା ପାଇଁ ଖସଡ଼ା ପ୍ରସ୍ତୁତ ହୋଇଥିଲା। ଚଳିତ ବର୍ଷ ପିଲାଙ୍କ ପରିବେଶ କଂଗ୍ରେସ ମଧ୍ୟ ଅନୁଷ୍ଠିତ ହେବ । ଏଥିରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କ ଭିତରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବ କ୍ଷ ପିଲାଙ୍କ ଭିତରେ ପରିବେଶ ସୁରକ୍ଷାପାଇଁ ବିଭିନ୍ନ ସୃଜନକ୍ଷମ୍ୟକ ପ୍ରକଳ୍ପ ତଥା ପରିବେଶ ପାର୍ଲିଆମେଣ୍ଟ ଆୟୋଜନ ହେବ । ସାକ୍ରେଟିସ ଫାଉଣ୍ଡେସନ ଏହାକୁ ଆୟୋଜନ କରିବ ଏବଂ ଫାଉଣ୍ଡେସନର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଦେବଜିତ୍ ମିତ୍ର ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଥିଲେ।

## ପୁଲିସ୍ ସେବା ନିଯୁକ୍ତି ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୧୨।୯ **(ମହାଭାରତ):** ଓଡ଼ିଶା ୟୁନିଫର୍ମଡ୍ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସଏସଏସସି) ପକ୍ଷରୁ ଓଡ଼ିଶା ପୁଲିସ୍ ଏବଂ ଅନ୍ୟାନ୍ୟ ବିଭାଗ ଅଧୀନରେ କନଷ୍ଟେବଲ୍ ସ୍ତରୀୟ ପଦବୀ ଓ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟାଆରମ୍ଭ କରାଯାଇଛି। ଏ ସମ୍ପର୍କିତ ବିସ୍ତୃତ ବିଜ୍ଞାପନ, ଯେଉଁଥିରେ ପଦବୀ ସଂଖ୍ୟା, ଯୋଗ୍ୟତା, ଚୟନ ପ୍ରକ୍ରିୟା ଓ ଅନ୍ୟାନ୍ୟ ନିୟମାବଳୀ ସମ୍ପର୍କିତ ଆବଶ୍ୟକ ସୂଚନାଖୁବ୍ ଶୀଘ୍ର ପ୍ରକାଶ କରାଯିବ। ଇତିମଧ୍ୟରେ ଗ୍ରହଣ କରାଯାଇଥିବାମିଳିତ ପୁଲିସ୍ ସେବାପରୀକ୍ଷା-୨୦୨୪ ନିମନ୍ତେପ୍ରାପ୍ତ ଆବେଦନପତ୍ରକୁ ବିଚାରକୁ ନେଇ ପରୀକ୍ଷା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପଗୁଡ଼ିକୁ ପ୍ରାଥମିକତା ଭିତିରେ ଗ୍ରହଣ କରାଯାଉଥିବା ବିଷୟ ଆୟୋଗଙ୍କ ପକ୍ଷରୁ ଜଣାଇ ଦିଆଯାଉଅଛି ।

ନିଯୁକ୍ତି ଓ ପରୀକ୍ଷା ପ୍ରକ୍ରିୟାକୁ ନେଇ ପ୍ରାର୍ଥିନୀ/ ପ୍ରାର୍ଥୀମାନଙ୍କ ମଧ୍ୟରେ ରହିଥିବା ବ୍ୟାପକ ଆଗ୍ରହ ଓ ଆଶଙ୍କା ପ୍ରତି ଆୟୋଗ ସଚେତନ ଅଛନ୍ତି। ତେଣୁ, ନିର୍ଦ୍ଧାରିତ ନିୟମାବଳୀ ଓ ପ୍ରକ୍ରିୟା ଅନୁଯାୟୀ ପରୀକ୍ଷା ପ୍ରକ୍ରିୟାକୁସୁଚାରୁ, ନିରପେକ୍ଷ, ସ୍ୱଚ୍ଛ ଓ ସୁରକ୍ଷିତ ଭାବେପରିଚାଳନା କରିବା ନିମନ୍ତେ ଆୟୋଗଙ୍କ ପକ୍ଷରୁ ସମସ୍ତ ଆବଶ୍ୟକ ପ୍ରସ୍ତୁତିମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ପୁନର୍ବାର ସ୍ପଷ୍ଟ କରାଯାଉଛି। ସିପିଏସଇ -୨୦୨୪ ପାଇଁ ଆବେଦନ କରିଥିବା ପ୍ରାର୍ଥିନୀ/ ପ୍ରାର୍ଥୀମାନଙ୍କୁ ପ୍ରୋକ୍ତ ପରୀକ୍ଷା ନିମନ୍ତେପ୍ରସ୍ତୁତ ରହିବା ସହିତ ଆୟୋଗଙ୍କଦ୍ୱାରା ଜାରି ସୂଚନା ମାଧ୍ୟମରେ ନିୟମିତ ଭାବେ ଅଦ୍ୟତନ ରହିବା ନିମନ୍ତେ ପରାମର୍ଶ ଦିଆଯାଉଛି। ପରୀକ୍ଷା କାର୍ଯ୍ୟସୂଚୀ ଏବଂ ଅନ୍ୟାନ୍ୟ ଆବଶ୍ୟକ ନିର୍ଦ୍ଦେଶନାମା ସମ୍ପର୍କିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଚୂଡ଼ାନ୍ତ ହେବା ପରେ ଆୟୋଗଙ୍କ ପକ୍ଷରୁଅଧିକୃତ ଓ ସରକାରୀ ଯୋଗାଯୋଗ ମାଧ୍ୟମ ତଥା ଆୟୋଗଙ୍କର ୱେବସାଇଟ୍ ରେପ୍ରକାଶ କରାଯିବ, ଯାହାକି ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ, ପ୍ରାର୍ଥିନୀ/ ପ୍ରାର୍ଥୀମାନଙ୍କୁସଚେତନ ରହିବା, ନିଜର ପ୍ରସ୍ତୁତି ଜାରି ରଖିବା ଏବଂ ଆୟୋଗଙ୍କର ଅଧିକୃତ ସୂଚନାକୁ ଅପେକ୍ଷା କରିବା ନିମନ୍ତେ ଅନୁରୋଧ କରାଯାଉଛି। ପ୍ରାର୍ଥିନୀ/ପ୍ରାର୍ଥୀମାନଙ୍କ ସ୍ୱାର୍ଥ ଏବଂ ପରୀକ୍ଷା ପ୍ରକ୍ରିୟାରସ୍ୱଚ୍ଛତା, ନିରପେକ୍ଷତା ଓ ପବିତ୍ରତାସୁନିଶ୍ଚିତ କରିବା ପାଇଁ ପ୍ରୟାସ କରାଯାଉଛି।

## ଭୁବନେଶ୍ୱରରେ ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ସାମର୍ଥ୍ୟ

ଭୁବନେଶ୍ୱର, ୧୨।୯ **(ମହାଭାରତ):** ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ଏମଏମଆଇଟି ଅଡିଟୋରିୟମରେ ଜାତୀୟ ସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ 'ସାମର୍ଥ୍ୟ ୨୦୨୬' ସଫଳତାର ସହ ଆୟୋଜିତ ହୋଇଯାଇଛି। ସିନେମା ମାଧ୍ୟମରେ ଦିବ୍ୟାଙ୍ଗଜନଙ୍କ ପ୍ରତିଭା, ଇଚ୍ଛାଶକ୍ତି ଓ ଅସାଧାରଣ ସଫଳତାକୁ ସମ୍ମାନ ଜଣାଇବା ପାଇଁ ଏହି ଉତ୍ସବରେ ଚଳଚ୍ଚିତ୍ର ନିର୍ମାତା, ଅଧିକାରୀ, କଳାକାର ଓ ସାମାଜିକ କାର୍ଯ୍ୟକର୍ତ୍ତାମାନେ ଏକାଠି ହୋଇଥିଲେ। ପୂର୍ବ ବର୍ଷଗୁଡ଼ିକରେ କେବଳ ଦିବ୍ୟାଙ୍ଗତା ବିଷୟରେ ସଚେତନତା ସୃଷ୍ଟି କରାଯାଉଥିବା ବେଳେ, ଏଥର 'ସାମର୍ଥ୍ୟ ୨୦୨୬'ରେ ଦିବ୍ୟାଙ୍ଗଜନଙ୍କ ସଫଳତା, ଆତ୍ମବିଶ୍ୱାସ ଓ ସମାଜ ପ୍ରତି ସେମାନଙ୍କର ସକାରାତ୍ମକ ଯୋଗଦାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ପ୍ରତିକୂଳ ପରିସ୍ଥିତିକୁ ଏଡ଼ାଇ ଆଗକୁ ବଢ଼ିବାର କାହାଣୀଗୁଡ଼ିକୁ ପ୍ରଦର୍ଶିତ କରି ସମାଜର ପୁରୁଣା ମାନସିକତାକୁ ବଦଳାଇବା ଏବଂ ଦିବ୍ୟାଙ୍ଗତା ପଛରେ ଥିବା ପ୍ରକୃତ ସାମର୍ଥ୍ୟକୁ ଚିହ୍ନିବା ପାଇଁ ଏହି ମହୋତ୍ସବ ପ୍ରୟାସ କରିଛି।

ଏହି ମହୋତ୍ସବ ପାଇଁ ସାରା ଦେଶରୁ ଅଭୂତପୂର୍ବ ପ୍ରତିକ୍ରିୟା ମିଳିଥିଲା ଏବଂ ମୋଟ ୬୨ଟି ସିନେମା ଆସିଥିଲା, ଯେଉଁଥିରେ ୨୦ଟି ଜାତୀୟ ସ୍ତରର ଓ ୪୨ଟି ଆଂଚଳିକ ଭାଷାର ଚଳଚ୍ଚିତ୍ର ଅନ୍ତର୍ଭୁକ୍ତ ଥିଲା। 'ଆରଆର ଇଭେଣ୍ଟସ ଆଣ୍ଡ ସିନେ ପ୍ରୋଡକ୍ସନ' ଦ୍ୱାରା ଦୁଇଟି ପର୍ଯ୍ୟାୟର ଯାଂଚ ପରେ ୩୮ଟି ଚଳଚ୍ଚିତ୍ର ଚୂଡ଼ାନ୍ତ ପ୍ରଦର୍ଶନ ପାଇଁ ନିର୍ବାଚିତ ହୋଇଥିଲା। ବାର୍ତ୍ତାକୁ ସମ୍ପୃକ୍ତ ଓ ପ୍ରଭାବଶାଳୀ ରଖିବା ପାଇଁ ପ୍ରତ୍ୟେକ ଚଳଚ୍ଚିତ୍ରର ସମୟସୀମା ସର୍ବାଧିକ ୫ ମିନିଟ୍ ରଖାଯାଇଥିଲା। ଏହାସହ ଦୃଷ୍ଟିହୀନ ଓ ବାଧିର ଦର୍ଶକଙ୍କ ସୁବିଧା ପାଇଁ ସିନେମାଗୁଡ଼ିକରେ 'ଅଡିଓ ଡିସ୍କ୍ରିପସନ୍' ଏବଂ 'ସାଙ୍କେତିକ ଭାଷା'ର ବ୍ୟବସ୍ଥା କରାଯାଇଥିଲା। ଯୁଗଳ ଦେବତାଙ୍କ ଅଧ୍ୟକ୍ଷତାରେ ଗଠିତ ଜୁରୀ କମିଟିରେ ଶ୍ରୀମତୀ ତ୍ରିପୁରା ମିଶ୍ର ଏବଂ ସିନେମାରେ ସମାନ ଅଧିକାର ପାଇଁ କାର୍ଯ୍ୟ କରୁଥିବା ଶ୍ରୀଯୁକ୍ତ ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇ ଚୂଡ଼ାନ୍ତ ବିଜେତାମାନଙ୍କୁ ଚୟନ କରିଥିଲେ। ଜାତୀୟ ବିଭାଗରେ ଟ୍ୟୁନ୍ ଅଫ୍ ଲାଇଫ୍ ଏବଂ ମେଡାଲ ଯୌଥ ଭାବେ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ଏହାସହ ଟ୍ୟୁନ୍ ଅଫ୍ ଲାଇଫ୍ ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଅଭିନେତା (ସାହୁ ଜୟସିଂହରାଓ ସାବେକର) ଓ ଶ୍ରେଷ୍ଠ ପ୍ରପ୍ ବ୍ୟବହାର ପୁରସ୍କାର ହାସଲ କରିଥିଲା। ଏ ଲିଟଲ ବିଗ୍ ଡ୍ରିମ୍ କୁ ପ୍ୟାନେଲ୍ ଏକ୍ସପର୍ଟ କମିଟି ପକ୍ଷରୁ ଶ୍ରେଷ୍ଠ ସିନେମା ଓ ଶ୍ରେଷ୍ଠ ଚିତ୍ରଗ୍ରହଣ ପୁରସ୍କାର ମିଳିଥିବା ବେଳେ ଫ୍ଲିଆ ଚଳଚ୍ଚିତ୍ର ଶ୍ରେଷ୍ଠ କାହାଣୀ/ସ୍କ୍ରିନ୍-ପ୍ଲେ' ଏବଂ ଶ୍ରେଷ୍ଠ ଅଭିନେତ୍ରୀ (ଆତ୍ରେୟୀ ବାନାର୍ଜୀ) ପୁରସ୍କାର ଜିତିଥିଲା।

ଓଡ଼ିଆ ବିଭାଗରେ ଅନ୍ତର୍ଦୃଷ୍ଟି ଏବଂ ଲିକ୍ ଯୌଥ ଭାବେ ଶ୍ରେଷ୍ଠ ଚଳଚ୍ଚିତ୍ର ସମ୍ମାନ ପାଇଥିଲେ। ଲିକ୍ ଚଳଚ୍ଚିତ୍ରଟି ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଚିତ୍ରଗ୍ରହଣ ସହ ଶ୍ରେଷ୍ଠ ଅଭିନେତା (ବିକ୍ରମ କେଶରୀ ମହାନ୍ତି) ଓ ଶ୍ରେଷ୍ଠ ଅଭିନେତ୍ରୀ (ଦୀପିକା ତ୍ରିପାଠୀ) ପୁରସ୍କାର ହାସଲ କରିଥିଲା। ଏହାବାଦ ଅନ୍ତଃସ୍ୱର କୁ ସଚେତନତା ପାଇଁ ସ୍ୱତନ୍ତ୍ର ପୁରସ୍କାର ଏବଂ ଚନ୍ଦ୍ରାରୋହଣ ଓ ଦି ହ୍ୱିଲ୍ କୁ ପ୍ୟାନେଲ୍ ଏକ୍ସପର୍ଟ କମିଟି ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ, ଏସଏସଇପିଡି ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀମତୀ ରଜନୀ ଜାନୀ, ଓଡ଼ିଶା ଭିନ୍ନକ୍ଷମ ଆୟୋଗର କମିଶନର ଶ୍ରୀମତୀ ବ୍ରତତୀ ହରିଚନ୍ଦନ ଏବଂ ବିଭାଗୀୟ ଆର୍ଥିକ ସଲାହାକାର ଶ୍ରୀମତୀ ଜୟଶ୍ରୀ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ସହିତ କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସାଡର ଅଭିନେତ୍ରୀ ଶୀତଲ ପାତ୍ର, ଏସଏସଇପିଡି ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକ ଉପସ୍ଥିତ ରହିଥିଲେ।

# ବୈଦେଶିକ ରପ୍ତାନୀ

୯୯% ସାମଗ୍ରୀକୁ ୫% ସ୍ଲାବରେ ରକାଯାଇଥିବା ବେଳେ ଅନେକ ସାମଗ୍ରୀକୁ ଜିଏସଟିରୁ ବାଦ ଦିଆଯାଇଛି। ଏହା ସ୍ୱାଗତ ଯୋଗ୍ୟ। ଏହା ଦ୍ୱାରା ଗରିବ ଓ ମଧ୍ୟବିତ୍ତ ବର୍ଗ ଲାଭବାନ ହେବେ ବୋଲି କୁହାଯାଉଛି। ଏହା ସତ, କିନ୍ତୁ ଦେଶର ରାଜସ୍ୱ ସଂଗ୍ରହ ହ୍ରାସ ପାଇବ। କଂଗ୍ରେସ ଅଭିଯୋଗ କରିଛି ଯେ, ୮ ବର୍ଷ କାଳ ଲୋକଙ୍କୁ ଟିକସ ମାଧ୍ୟମରେ ଶୋଷଣ କରିବା ପରେ ଟିକସ ହ୍ରାସ କରି ସରକାର ବାହାବା ନେଉଛନ୍ତି। ଏହା ସମ୍ପୂର୍ଣ୍ଣ ଭୁଲ। ୮ ବର୍ଷ ମଧ୍ୟରେ ଜିଏସଟି ପାଇଁ ଦେଶର ଅର୍ଥ ବ୍ୟବସ୍ଥା ସୁଦୃଢ଼ ହୋଇଛି। ଜିଏସଟି ବାବଦ ଅର୍ଥ କେହି ନିଜ ପକେଟକୁ ନେଉନଥିଲେ। ବରଂ ଅନେକ ଜିଏସଟି ହ୍ରାସକୁ ବିରୋଧ କରୁଛନ୍ତି ଏବଂ ଜିଏସଟି ସରଳୀକରଣ କରିବା ଉଚିତ। ୧୦ଟଙ୍କାର ସାମଗ୍ରୀକୁ ୯ ଟଙ୍କାରେ ବିକ୍ରୀ କଲେ ହଲୋକେ ବିଶେଷ ଉପକୃତ ହେବେନି। କିନ୍ତୁ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେବ। ଗତ ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲାରୁ ଦେଶବାସୀଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୀପାବଳୀରେ ସେ ଦେଶବାସୀଙ୍କୁ ଜିଏସଟି ହ୍ରାସର ଉପହାର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ସେ ଏହି ପ୍ରତିଶ୍ରୁତି ପୂରଣ କରିଛନ୍ତି। ମନ୍ତ୍ରୀସ୍ତରୀୟ ଗୋଷ୍ଠୀର ସୁପାରିସକୁ ଗ୍ରହଣ କରି ଜିଏସଟି ପରିଷଦ ବୈଠକରେ ଏ ସଂକ୍ରାନ୍ତର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ଏଣିକି ଜିଏସଟି ୪ଟି ପରିବର୍ତ୍ତେ ୨ଟି ସ୍ଲାବରେ ସୀମିତ ରହିବ। ଜିଏସଟି ପରିଷଦର ନିଷ୍ପତ୍ତି ଅନୁଯାୟୀ ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ବିଶେଷ କରି ଖାଦ୍ୟ ସାମଗ୍ରୀ ଉପରୁ ଜିଏସଟିକୁ ସମ୍ପୂର୍ଣ୍ଣ ଛାଡ଼ ବା ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏହା ମଧ୍ୟରେ ରହିଛି ରୋଟି, ପରଟା, ୩୩ ପ୍ରକାର ଜୀବନ ରକ୍ଷାକାରୀ ଔଷଧ , ଦୁଗ୍ଧଜାତ ସାମଗ୍ରୀ ଇତ୍ୟାଦି। ଅନେକ କୃଷି ଉପକରଣ ଉପରେ ମଧ୍ୟ ଜିଏସଟି ଛାଡ଼ କରାଯାଇଛି। ତେବେ କେତେକ ବିଳାସ ସାମଗ୍ରୀ, ତମାଖୁ ଏବଂ ବଡ଼ କାର ଉପରେ ୪୦% ଟିକସ ବସାଇବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୨ରୁ ଏହା ଲାଗୁ ହେବ। ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଇଛି। ସାଧାରଣ ଲୋକଙ୍କ ଉପରୁ ଜିଏସଟି ବୋଝ ହାଲୁକା କରିବାକୁ ବହୁ ଦିନରୁ ଦାବି ହୋଇ ଆସୁଥିଲା। ଅନେକ ଦିନ ତଳୁ ଏହା କାର୍ଯ୍ୟକାରୀ ହେବାର ଥିଲା। ଏହା ଦ୍ୱାରା ସରକାରଙ୍କର ବାର୍ଷିକ ପ୍ରାୟ ୪୭ ହଜାର କୋଟି ଟଙ୍କାର ରାଜସ୍ୱ ହାନି ହେବ ବୋଲି ଆକଳନ କରାଯାଇଛି। ଏହା ଫଳରେ ରାଜ୍ୟମାନେ ମଧ୍ୟ କ୍ଷତିଗ୍ରସ୍ତ ହେବେ। ସେଥିପାଇଁ ଅନେକ ବିରୋଧୀ ଶାସିତ ରାଜ୍ୟମାନେ ଏହାକୁ ବିରୋଧ କରୁଥିଲେ। କିନ୍ତୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସେମାନଙ୍କୁ ବୁଝାଇବାରେ ସଫଳ ହୋଇଥିଲେ। ଫଳରେ ଜିଏସଟି ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ଏବେ ଦେଶରେ ମାସିକ ହାରାହାରି ୧ ଲକ୍ଷ ୮୪ ହଜାର କୋଟି ଟଙ୍କାର ଗ୍ରସ ଜିଏସଟି ସଂଗ୍ରହ ହେଉଛି। ସଂଶୋଧିତ ଜିଏସଟି ବ୍ୟବସ୍ଥା ଦ୍ୱାରା ଏହା ୧ ଲକ୍ଷ ୪୦ ହଜାର କୋଟି ଟଙ୍କାରେ ସୀମିତ ରହିବ ବୋଲି ଆକଳନ କରାଯାଉଛି। କିନ୍ତୁ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ଜିଏସଟି ହାର କମାଇବାକୁ ନିଷ୍ପତ୍ତି ନିଆଯାଇଥିବା ନିର୍ମଳା କହିଛନ୍ତି। ଟ୍ରମ୍ପଙ୍କ ଟାରିଫ ମାଡ଼ରୁ ଦେଶର ଅର୍ଥନୀତିକୁ ସୁରକ୍ଷିତ ରଖିବା ନିମନ୍ତେ ଏପରି ନିଷ୍ପତ୍ତି ନିଆଯାଇଥିବା ଅର୍ଥମନ୍ତ୍ରୀ କହିଛନ୍ତି। ଏହା ଦ୍ୱାରା ଦେଶର ଅଭିବୃଦ୍ଧି ହାର ବଢ଼ିବ ବୋଲି ମଧ୍ୟ ସେ ଆଶା ପ୍ରକାଶ କରିଛନ୍ତି। ଭାରତର ବିଶାଳ ବଜାର ବ୍ୟବସ୍ଥା ରହିଛି। ଦେଶର ଜିଡିପି ବା ଅର୍ଥନୈତିକ ବିକାଶ ବୈଦେଶିକ ରପ୍ତାନୀ ଉପରେ ଯେତିକି ନିର୍ଭରଶୀଳ ନୁହେଁ, ତାଠାରୁ ଅଧିକ ଆଭ୍ୟନ୍ତରୀଣ ବଜାର ବ୍ୟବସ୍ଥା ଉପରେ ନିର୍ଭରଶୀଳ। ତେଣୁ ଜିଏସଟି ହ୍ରାସ ଦ୍ୱାରା ଦେଶର ଅର୍ଥନୀତି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। କୃଷି ଏବଂ କୃଷକ ସବୁଠାରୁ ଅଧିକ ଲାଭବାନ ହେବ ବୋଲି କୁହାଗଲା। ଇତିମଧ୍ୟରେ ଜିଏସଟି ସଂସ୍କାର ବ୍ୟବସ୍ଥାରେ ସଂସ୍କାରକୁ ବର୍ଷେ ପୂରଣ ହୋଇଛି। ଏବେ ଏହାର ସମୀକ୍ଷା ସମୟ।

# ଜୀବନର ଶେଷ ଲକ୍ଷ୍ୟ ଅଙ୍ଗଦାନ

> "ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ ।

॥ ଉମେଶ ଚନ୍ଦ୍ର ପାତ୍ର ॥

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ । ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି । ଆମ ଦେଶରେ ଯକୃତ, ବୃକକ୍, ହୃଦୟ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି । ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ ଦାନ କରାଯାଏ । ଅଙ୍ଗଦାନ ଦୁଇ ପ୍ରକାରର ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ । ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତ୍ର, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ । ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା । ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ । କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ ଦାନ କରାଯାଇପାରେ । ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକକ୍ । କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକକ୍ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ । ମୃତ ଶରୀରର ବୃକକ୍ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକକ୍ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ । ଭାରତରେ ହେଉଥିବା ଅଧିକାଂଶ ବୃକକ୍ ପ୍ରତ୍ୟାରୋପଣ ଜୀବିତ ଦାତାଙ୍କ ଠାରୁ ହିଁ ମିଳେ । ଫୁସ୍‌ଫୁସ୍ ଏବଂ ଯକୃତ ମଧ ଜୀବିତ ବ୍ୟକ୍ତି ଦାନ କରିପାରିବେ । ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ । ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ । କୌଣସି ବ୍ୟକ୍ତି ବ୍ରେନ୍ ଡେଡ଼୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସର୍ପୋଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ । ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ । ତାହାର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଏ, ରକ୍ତ ସଞ୍ଚାଳନ ଅଟକିଯାଏ । ଏ ପରିସ୍ଥିତିରେ ଆଖିକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ । ରକ୍ତ କୋଷ ନଥିବାରୁ ମୃତ୍ୟୁପରେ କିଛି ଘଣ୍ଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େ ନାହିଁ । ବ୍ରେନ୍ ଡେଥ୍ ଏପରି ମୃତ୍ୟୁ ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ । ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁଁ ହୋଇଥାଏ । ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ । ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି । କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ । କିନ୍ତୁ ବ୍ରେନ୍ ଡ଼େଥ୍‌ରେ ଜୀବନର କୌଣସି ସମ୍ଭାବନା ନଥାଏ । ବ୍ରେନ୍ ଡେଥ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ । ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ । ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ । ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ । ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ ।

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି । ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଂ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ । ଯକୃତ କଢ଼ାଯିବାର ୬ଘଣ୍ଟା ମଧରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଣ୍ଟା ମଧରେ ଓ ଆଖି ୩ ଦିନ ମଧରେ ଲଗାଇ ଦିଆଯିବା ଆବଶ୍ୟକ । ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ । ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ । ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ । ଏହାପରେ ଆପଣଙ୍କୁ ଏକ ଡୋନର୍ କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତତି, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ ବେଆଇନ ।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭


# ଏକ ଐଶୀକଳା ସଂପନ୍ନ ବରପୁତ୍ର

॥ ଫଜଲ ହକ ଖାନ୍ ॥

କାଳରେ ଧର୍ମର ଗ୍ଳାନି ଘଟିବ । କଳକୀ ଅବତାର ଆସିବେ । ରାମରାଜ୍ୟ ପ୍ରତିଷ୍ଠା ହେବ । ଅଶାନ୍ତ ଜଗତକୁ ଶାନ୍ତିର ବାର୍ତାବହ ଆସି ଶାନ୍ତି ସ୍ଥାପନା ଦିଗରେ ଉନ୍ନତି ମୂଳକ କାର୍ଯ୍ୟ କରିବେ । ବିଶ୍ୱ ଶାନ୍ତି, ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଯିବ । ବସୁଧୈବ କୁଟୁମ୍ବକମ୍‌ର ସୁନ୍ଦର ବାତାବରଣ ମଧ୍ୟରେ ଜନଜୀବନ ନିର୍ଭୟରେ ଶ୍ୱାସ ପ୍ରଶ୍ୱାସ ନେଇପାରିବେ। ଏହି ପରି ପ୍ରାୟ ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ଓ ଭବିଷ୍ୟତ ବାଣୀ ରହିଛି । ଧର୍ମ ସର୍ବଦା ସଂସ୍କାର, ସେବା, ତ୍ୟାଗ, ସହଯୋଗ ଏବଂ ଶିଷ୍ଟାଚାର ଶିଖାଇଥାଏ । ମନୁଷ୍ୟ ମାତ୍ର ଦୁଇଜାତି। ପୁରୁଷ ଏବଂ ସ୍ତ୍ରୀ । ବାକି ଅନ୍ୟ ସବୁ ଗୋଷ୍ଠୀ ବା ସଂପ୍ରଦାୟ କେବଳ ଜଣେ ଅନ୍ୟକୁ ପରିଚୟ ଦେବାର ମାଧ୍ୟମ ଅଟେ ।

ଇସଲାମ ଧର୍ମ ଆଦିଧର୍ମ । ଇସଲାମ ଧର୍ମର ପ୍ରକୃତ ମର୍ମହେଲା, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ସହାନୁଭୂତି, ସଦ୍‌ଭାବନା, ସହିଷ୍ଣୁତା, ସମ୍ବେଦନଶୀଳତା, ସହଯୋଗିତା, ସମନ୍ୱୟତା, ସଂଯମତା, ସରଳତା ଏବଂ ସତ୍ୟତା । ମହାମହିମ ଅବତାର ହଜରତ ମୁହମ୍ମଦ ସଲ୍ଲମ କରୁଣାର ସାଗର ହୋଇ ସମଗ୍ର ସଂସାର ପାଇଁ ଆସିଥିଲେ । ତାଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କ ଦାସତ୍ୱରେ ୧୪୦୦ ଶହ ବର୍ଷ ପରେ ୧୮୩୫ ମସିହାରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ମିର୍ଜା ଗୁଲାମ ଅହମଦ ଜନ୍ମ ନେଇ, ଇସଲାମ ଧର୍ମରେ ଦେଖାଯାଉଥିବା କଳୁଷିତକୁ ଦୂର କରିଥିଲେ । ତଥା ଇସଲାମ ଧର୍ମକୁ ପୁନଃର୍ଜୀବିତ କରିଥିଲେ। ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟକୁ ଅହମଦୀୟା ମୁସଲିମ ସଂପ୍ରଦାୟ କୁହାଯାଏ । ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ରଖିବା । ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା । ତଥା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ କରିବା । ହଜରତ ଅହମଦଙ୍କ କାର୍ଯ୍ୟକଳାପ ପରେ ତାଙ୍କର ପାରମ୍ପରିକ କାର୍ଯ୍ୟକୁ ଏପରି ଏକ ଦକ୍ଷ ବର ପୁତ୍ର ଜନ୍ମନେଇ, ସେହି କାର୍ଯ୍ୟଭାରକୁ ତ୍ୱରାନ୍ୱିତ କରିବାର ଭବିଷ୍ୟତବାଣୀ ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି। ଯଦ୍ଦ୍ୱାରା ଇସଲାମର ଶାନ୍ତି ପୂର୍ଣ୍ଣ ବାର୍ତା ସମଗ୍ର ସଂସାରରେ ପ୍ରସାର ଲାଭ କରିବ । ସୁତରାଂ ୨୦ ଫେବୃଆରୀ ୧୮୮୬ ମସିହାରେ ସେହି ଐଶୀବାଣୀ ଅନୁସାରେ ସର୍ବ ବ୍ୟାପକ, ସର୍ବଶକ୍ତିମାନ, ଦୟା ଓ ସଦା କରୁଣାମୟ ସର୍ବ ଅଧୀଶ୍ୱର ଅଲ୍ଲାଃ ହଜରତ ମିର୍ଜା ଅହମଦଙ୍କୁ ସମ୍ବୋଧିତ କରି କହିଛନ୍ତି;

"ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି। ହେ ତ୍ରିକାଳଜୟୀ (ତ୍ରିଭୁବନ ବିଜୟୀ) ମହାପୁରୁଷ! ତୁମେ ଧନ୍ୟ। ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି ।

ସୁତରାଂ ତୁମକୁ ଶୁଭ ସୂଚନା ଦିଆଯାଇଛି କି ଏକ ପବିତ୍ର ଓ ଐଶୀକଳା ସଂପନ୍ନ ବରପୁତ୍ର ତୁମକୁ ପ୍ରଦାନ କରାଯିବ। ଜଣେ ଅନୁରକ୍ତ ଦାସ (ପୁତ୍ର ସନ୍ତାନ) ତୁମ୍ଭଙ୍କୁ ପ୍ରାପ୍ତ ହେବ। ସେହି ପୁତ୍ର ତୁମରି ଔରସରୁ ତୁମ କୂଳରକ୍ଷକ ବଂଶଧର ବୋଲାଇବ। ସେ ତୁମର ଅତିଥି-ଏକ ସୁନ୍ଦର ସୁଢ଼ଳ ଅମୃତ ସନ୍ତାନ ତୁମ ଗୃହକୁ ଆସୁଛନ୍ତି। ତାହାର ନାମ ଦୁର୍ଲ୍ଲଭ, ଯଶସ୍ୱୀ ଓ ବଶୀର (ସୁ-ସମାଚାର ପ୍ରାପ୍ତ) ମଧ ଅଟେ। ତାହାକୁ ପୂଣ୍ୟାତ୍ମା ଦିଆଯାଇଛି। ସେ ପରମବ୍ରହ୍ମ ପରମେଶ୍ୱର ଆଲ୍ଲାଃଙ୍କ ପରମ ଜ୍ୟୋତି। ସେ ଅଭିନ୍ନନୀୟ ଯେ ସ୍ୱର୍ଗପୁରରୁ ଆସୁଛନ୍ତି। ତାଙ୍କରି ଆଗମନ ସହିତ କରୁଣା ନିହିତ। ସେ ଅତ୍ୟନ୍ତ ଗରିମାମୟ, ଅପାର ସମ୍ପଦର ଅଧିକାରୀ। ସେ ଧରାପୃଷ୍ଠକୁ ଆସିବ ଏବଂ ମସିହା ପ୍ରାଣ ଓ ସତ୍ୟତାର ଆତ୍ମାରେ ସମୃଦ୍ଧିଶାଳୀ ହୋଇ ବହୁ ଦୁରାତ୍ମା ବ୍ୟାଧିକୁ ବିଶୋଧନ କରିବ। ସେ ଈଶ୍ୱରଙ୍କ ବାକ୍ୟ; କାରଣ ଈଶ୍ୱରଙ୍କ ପ୍ରେମ ଓ ଦୟାରେ ବିଭୂଷିତ ସେହି ଦେବପୁରୁଷଙ୍କୁ ଦିବ୍ୟ ବାକ୍ୟର ବ୍ୟାପକ ସମ୍ଭାର ସହିତ ପ୍ରେରଣ କରାଯାଇଛି। ସେ ଅତି ବିଚକ୍ଷଣ ବୁଦ୍ଧି, ବିଦ୍ୟା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବ। ତାଙ୍କ ହୃଦୟ ଉଦାରପୂର୍ଣ୍ଣ ଏବଂ ତାଙ୍କୁ ପ୍ରକାଶ୍ୟ ଓ ଗୁପ୍ତ ଜ୍ଞାନରେ ପରିପୂର୍ଣ୍ଣ କରାଯିବ। ସେ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିବ ଏବଂ ଦଳିତ ନିଷ୍ପେସିତ ଜନଙ୍କ ସହାୟକ ଓ ତ୍ରାଣକର୍ତାର ପରିଚୟକ ହେବ ଏବଂ ସେ ପୃଥିବୀର କୋଣେ କୋଣେ ସୁଖ୍ୟାତି ଅର୍ଜନ କରିବ ଏବଂ ସମସ୍ତ ଜାତି ତାହାଙ୍କ ଠାରୁ ଆଶିଷ ଲାଭ କରିବେ।''

ଏହି ଭବିଷ୍ୟତବାଣୀ ଅନୁଯାୟୀ ୧୨ ଜାନୁଆରୀ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଘରେ ଏକ ମହାନ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଥିଲେ। ଯାହାଙ୍କ ନାମ ବଶିରୁଦ୍ଦିନ ମହମୁଦ ଅହମଦ । ଯାହାଙ୍କୁ ଅହମଦୀୟା ମୁସଲିମ ସମାଜରେ ମୁସଲେଃ ମଉଦ(ଅଙ୍ଗୀକୃତ ସଂସ୍କାରକ)ବୋଲି କୁହାଯାଏ । ଆପଣ ଐଶୀଶକ୍ତି ବଳରୁ ସାଂସାରିକ ଓ ଆଧାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ।

୧୯୦୮ ମସିହାରେ ଯେତେବେଳେ ତାଙ୍କ ପିତୃ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଅ.ସଙ୍କ ଦେହାନ୍ତ ହେଲା, ସେତେବେଳେ ବିରୋଧୀମାନଙ୍କ ପରିହାସ ଓ ତାଚ୍ଛଲ୍ୟପୂର୍ଣ୍ଣ ଉଲ୍ଲାସକୁ ଦେଖି ଆପଣ ପିତାଙ୍କ ମୃତ ଶଯ୍ୟାଧାର ନିକଟରେ ଛିଡ଼ା ହୋଇ ଶପଥ କରି ଥିଲେ ଯେ,'ଯଦି ସଂସାରବାସୀ ସମସ୍ତେ ମୋ ଠାରୁ ଦୂରେଇ ଯାଆନ୍ତି ଓ ମୁଁ ଏକାକି ରହିଯାଏ, ତେବେ ମୁଁ ଏକା ହିଁ ସାରା ଦୁନିଆର ମୁକାବିଲା କରିବି ଏବଂ କୌଣସି ବିରୋଧୀ ଓ ଶତ୍ରୁଙ୍କୁ ଭ୍ରୁକ୍ଷେପ କରିବି ନାହିଁ। ଆପଣ ନିଜର ଏହି ଶପଥକୁ ଅତି ଉତମ ରୂପେ ପାଳନ କରି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତାକୁ କାହାରି ପ୍ରତି ଭୟ ନକରି ସାରା ଜୀବନ ଉକ୍ତ ଉତମ କାର୍ଯ୍ୟ ସମ୍ପାଦନରେ କଟାଇ ଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଆପଣଙ୍କ ମହାନ କୀର୍ତିମାନରୁ ସ୍ପଷ୍ଟ ଅନୁମେୟ। ତାଙ୍କର ସଂପୂର୍ଣ୍ଣ ଚେଷ୍ଟା ଫଳରେ ବାସ୍ତବିକ ଇସଲାମ ଧର୍ମ ଅହମଦୀୟା ମୁସଲିମ ସମାଜ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଂଚିପାରିଛି । ତଥା ବିଶ୍ୱର ୨୧୪ ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ଏହି ଅହମଦୀୟା ମୁସଲିମ ସଂପ୍ରଦାୟର ବର୍ତମାନ ଆଧାତ୍ମିକ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସମାଜର ୫ମ ଖଲିଫା ରୂପେ ଲଣ୍ଡନ ଠାରେ ଅଧିଷ୍ଠିତ ହୋଇ ମାନବକଲ୍ୟାଣ,ଜନସେବା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଐକ୍ୟବଦ୍ଧ ହୋଇ ସର୍ବରାଷ୍ଟ୍ରର ରାଷ୍ଟ୍ରପତି, ଶାସକ, ରାଜା, ମହାରାଜା ଏବଂ ବହୁତ ବୁଦ୍ଧିଜୀବିମାନଙ୍କୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆହ୍ୱାନ ଦେଇ ଚାଲିଛନ୍ତି ।

ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ଏବଂ ଦେଶଦ୍ରୋହୀ, ଧର୍ମଦ୍ରୋହୀ ଶନ୍ତ୍ରାସବାଦମାନଙ୍କର ତାଣ୍ଡବଲୀଳାକୁ ଦମନ କରିବା। ସର୍ବେଭବନ୍ତୁ ସୁଖିନଃର ସହର ବସାଇବା। ଏହା ହିଁ ଆମର କାମନା ।


ୟୁନିଟ-୪, ଭୁବନେଶ୍ୱର

ଯୋଗାଯୋଗ:୯୬୯୨୨୫୦୫୭


# ଆମେ ଓ ଆମ ପରିବେଶର ପଶୁପକ୍ଷୀ

॥ ବିପିନ ବିହାରୀ ମହାନ୍ତି ॥

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ ।

ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ ।

ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଟପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।


ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,

ବିପିନ ବିହାରୀ ପାଠାଗାର,ଜଟଣୀ

## ପର୍ଯ୍ୟଟନ ବିଭାଗର କମିଶନର-ତଥା-ସଚିବଙ୍କ ବଲାଙ୍ଗୀର ଗସ୍ତ



ବଲାଙ୍ଗୀର, ୧୨/୦୯ (ନନ୍ଦିନୀ): ପର୍ଯ୍ୟଟନ ବିଭାଗର କମିଶନର-ତଥା-ସଚିବ ତଥା ବଲାଙ୍ଗୀର ଜିଲ୍ଲାର ଭୋଟର ତାଲିକା ପର୍ଯ୍ୟବେକ୍ଷକ ବଲୱନ୍ତ ସିଂହ (ଭା.ପ୍ର.ସେ.) ଦ୍ୱିତୀୟ ଥର ପାଇଁ ବଲାଙ୍ଗୀର ଗସ୍ତରେ ଆସି ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର)-୨୦୨୬ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି । ଏନେଇ ସର୍କିଟ ହାଉସ୍‌ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟର ଅଗ୍ରଗତି ନେଇ ଶ୍ରୀ ସିଂହ ସନ୍ତୋଷ ପ୍ରକାଶ କରିଥିଲେ । ତ୍ରୁଟିଶୂନ୍ୟ, ସ୍ୱଚ୍ଛ ଓ ସୁଦୃଢ଼ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ଜିଲ୍ଲା ପ୍ରଶାସନର ନିଷ୍ପାପର ପ୍ରୟାସକୁ ସେ ପ୍ରଶଂସା କରିଥିଲେ । ଜିଲ୍ଲାରେ ଏହି ବୃହତ୍ ଗଣତାନ୍ତ୍ରିକ ପ୍ରକ୍ରିୟାର ସଠିକତା ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରୱ ଶିୱାଜୀ ଇସଲୱାର, ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଓ ଡ. ବିଜୟାନନ୍ଦ ସେଠୀ, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ ଏବଂ ପାଟଣାଗଡ଼ ଉପଜିଲ୍ଲାପାଳ ସୁନିଲ କୁମାର ମେହେରଙ୍କ ସମେତ ଅନ୍ୟ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରିଥିଲେ । ଶ୍ରୀ ସିଂହ ଜିଲ୍ଲାର ସମସ୍ତ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଚାଲିଥିବା ୫ଓଜ-୨୦୨୬ କାର୍ଯ୍ୟର ସମୀକ୍ଷା କରିବା ସହ କେତେକ ମତଦାନ କେନ୍ଦ୍ରରେ ସୁପର ଚେକିଂ କରିଥିଲେ । ବିଶେଷକରି ଯେଉଁ ବୁଥ୍ ?ଗୁଡ଼ିକରେ ସ୍ୱାଭାବିକ ତୁଳନାରେ ଅଧିକ ସଂଖ୍ୟକ ଭୋଟରଙ୍କ ନାମ ଯୋଗ କିମ୍ବା ବାଦ ଦିଆଯାଇଛି, ସେସବୁ ବୁଥ୍ ?ର କାର୍ଯ୍ୟ ଉପରେ ସେ ଗୁରୁତ୍ୱ ଦେଇ ଯାଞ୍ଚ କରିଥିଲେ । କୌଣସି ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ ନପଡ଼ନ୍ତି, ତାହା ସୁନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ବଲାଙ୍ଗୀର ଡେପୁଟି କଲେକ୍ଟର (ନିର୍ବାଚନ) ସୂର୍ଯ୍ୟକାନ୍ତ ପରିଡ଼ା, ପାଟଣାଗଡ଼ ଡେପୁଟି କଲେକ୍ଟର (ନିର୍ବାଚନ) ଶୈଳେନ୍ଦ୍ର କୁମାର ମହାନ୍ତି, ଟିଟିଲାଗଡ଼ ଡେପୁଟି କଲେକ୍ଟର (ନିର୍ବାଚନ) ହରେକୃଷ୍ଣ ମେହେରଙ୍କ ସମେତ ଅନ୍ୟ ନିର୍ବାଚନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଡାଲମିଆ ପକ୍ଷରୁ ରାଜଗାଙ୍ଗପୁରରେ ୧୩୦ ଜଣ ଯକ୍ଷ୍ମା ରୋଗୀଙ୍କୁ ଖାଦ୍ୟ ପ୍ରଦାନ




ରାଜଗାଙ୍ଗପୁର, (ଅଟଳ ବିହାରି ପଣ୍ଡା) : ଲୋକଙ୍କ ସ୍ୱାସ୍ଥ୍ୟସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ, ଭାରତର ଅଗ୍ରଣୀ ସିମେଣ୍ଟ କମ୍ପାନୀ ଡାଲମିଆ ଭାରତ ଲିମିଟେଡର ସିଏସଆର ଶାଖା 'ଡାଲମିଆ ଭାରତ ଫାଉଣ୍ଡେସନ' (ଡିବିଏଫ) ପକ୍ଷରୁ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି) ଠାରେ ୧୩୦ ଜଣ ଯକ୍ଷ୍ମା (ଟିବି) ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ କିଟ୍ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଡାକ୍ତରୀ ଚିକିତ୍ସା ସହିତ ପୁଷ୍ଟିକର ଖାଦ୍ୟ ସହାୟତା ଯୋଗାଇଦେବା, ଯାହାଦ୍ୱାରା ରୋଗୀମାନେ ଚିକିତ୍ସା ଓ ଆରୋଗ୍ୟ ଲାଭ ସମୟରେ ନିଜ ସ୍ୱାସ୍ଥ୍ୟକୁ ଠିକ୍ ରଖିପାରିବେ । ନିୟମିତ ଔଷଧ ସେବନ ସହିତ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯକ୍ଷ୍ମା ରୋଗୀଙ୍କୁ ଶୀଘ୍ର ସୁସ୍ଥ ହେବାରେ ସହାୟକ ହୋଇଥାଏ । ଯକ୍ଷ୍ମା ନିରାକରଣ ପାଇଁ ଡିବିଏଫ୍ ନିରନ୍ତର ପ୍ରୟାସରତ । ଏଥିପାଇଁ ଆରମ୍ଭ କରାଯାଇଥିବା ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ଜରିଆରେ ଡିବିଏଫ୍ ଚିକିତ୍ସାଧୀନ ଯକ୍ଷ୍ମା ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ କିଟ୍ ଯୋଗାଇ ଆସୁଛି । ଆର୍ଥିକ ବର୍ଷ ୨୦୨୫-୨୬ରେ ରାଜଗାଙ୍ଗପୁର ଏବଂ ଆଖପାଖ ଅଂଚଳରେ ୧,୦୦୦ ରୁ ଅଧିକ ପୁଷ୍ଟିକର ଖାଦ୍ୟ କିଟ୍ ବଣ୍ଟନ କରାଯାଇଛି, ଯାହା ସ୍ଥାନୀୟ ଯକ୍ଷ୍ମା ରୋଗୀମାନଙ୍କୁ ଉପକୃତ କରିଛି । ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଏବଂ ଡାକ୍ତରମାନଙ୍କ ସମେତ ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁର କାରଖାନାର ମାନବ ସମ୍ବଳ ବିଭାଗର ବରିଷ୍ଠ କର୍ମଚାରୀବୃନ୍ଦ ଏବଂ ଡିବିଏଫ୍ ତଥା ସିଏସଆର ଟିମର ସଦସ୍ୟମାନଙ୍କ ଉପସ୍ଥିତିରେ ଏହି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପଦକ୍ଷେପ ସମ୍ପର୍କରେ ଡେପୁଟି ଏକଜିକ୍ୟୁଟିଭ୍ ଡାଇରେକ୍ଟର ତଥା ରାଜଗାଙ୍ଗପୁର କାରଖାନା ମୁଖ୍ୟ, ଶ୍ରୀ ଆଶୁତୋଷ କୁମାର ତିୱାରୀ କହିଛନ୍ତି, "ଡାଲମିଆ ଭାରତରେ ଆମେ ବିଶ୍ୱାସ କରୁ ଯେ ଗୋଷ୍ଠୀ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ସ୍ଥାୟୀ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ । ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ଅଧୀନରେ ଆମେ ଡାକ୍ତରୀ ଚିକିତ୍ସା ସହିତ ପୁଷ୍ଟିକର ଖାଦ୍ୟ ସହାୟତା ଯୋଗାଇଦେବା ଏବଂ ଯକ୍ଷ୍ମା ରୋଗୀଙ୍କ ଚିକିତ୍ସା ତଥା ସୁସ୍ଥତା ପ୍ରକ୍ରିୟାରେ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଛୁ । ଭାରତକୁ ଯକ୍ଷ୍ମାମୁକ୍ତ କରିବାର ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଏବଂ ସ୍ଥାନୀୟ ଲୋକଙ୍କ ସହ ମିଶି କାର୍ଯ୍ୟ କରିବାକୁ ପ୍ରତିବଦ୍ଧ ।" ପୁଷ୍ଟିକର ଖାଦ୍ୟ ସହାୟତା ସହିତ, ଫାଉଣ୍ଡେସନ ଠିକ୍ ସମୟରେ ରୋଗ ଚିହ୍ନଟ, ନିୟମିତ ଚିକିତ୍ସା ଗ୍ରହଣ ଏବଂ ଯକ୍ଷ୍ମା ନିରାକରଣ ତଥା ଯତ୍ନ ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇଛି । ଏହି ପ୍ରୟାସଗୁଡ଼ିକ ରୋଗୀମାନଙ୍କୁ ସେମାନଙ୍କ ଚିକିତ୍ସା ସମୟରେ ସହଯୋଗ କରିବା ସହିତ ସମାଜରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏବଂ ଏହି ରୋଗ ପ୍ରତି ଥିବା ଭୁଲ ଧାରଣା ତଥା ସାମାଜିକ କଳଙ୍କକୁ ଦୂର କରିବାରେ ସହାୟକ ହେବ । ତୃଣମୂଳ ସ୍ତରରେ ନିରନ୍ତର ପ୍ରୟାସ ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ସହଯୋଗ ମାଧ୍ୟମରେ ସମାଜର ସ୍ୱାସ୍ଥ୍ୟ, ମର୍ଯ୍ୟାଦା ଓ କଲ୍ୟାଣକୁ ପ୍ରୋତ୍ସାହିତ କରିବା ସହ ଅର୍ଥପୂର୍ଣ୍ଣ ତଥା ସ୍ଥାୟୀ ବିକାଶ ଆଣିବା ପାଇଁ ଡାଲମିଆ ଭାରତ ଫାଉଣ୍ଡେସନ ସର୍ବଦା ପ୍ରତିବଦ୍ଧ ।

## ଉଦଯାପିତ ହେଲା ବଡ଼ଗାଁ ବ୍ଲକ ସ୍ତରୀୟ କ୍ରୀଡା ଚୟନ ପରୀକ୍ଷା



ବଡ଼ଗାଁ, (ଅଟଳ ବିହାରି ପଣ୍ଡା): ବଡ଼ଗାଁ ବ୍ଲକସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆଜି ଇତମାସ୍ଥିତ ଏଲସିବି ହାଇସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଗାଁ ବ୍ଲକ ଅଧୀନ ୪ ଟି ଜୋନ ରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଫୁଟବଲ, ଖୋକୋ,କବାଡି ଖେଳ ନିଜ କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ । ଉଦଘାଟନୀ ସମାରୋହରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଟିକିଲିପଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ ବୀର ସିଂ ଦେଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭାପତି ଅକ୍ରଳ ବେହେରା, ଆୟୋଜକ ଏଲସିବି ହାଇସ୍କୁଲର ପ୍ରଧାନ ଶିକ୍ଷକ ଲଳିତ ସାହୁ ଓ ସିଆରସିସି ଦୁର୍ଗାମାଧବ ବେହେରା ଯୋଗ ଦେଇଥିଲେ। ଖେଳ ଶିକ୍ଷକ ପ୍ରଭାତ ଦ୍ୱାରୀ, ମୁରଲୀଧର ବେହେରା, ଅମିତ ମହାରଣା, ସୁଷମା ନାଏକ ଓ ଅବସରପ୍ରାପ୍ତ ଖେଳ ଶିକ୍ଷକ ମହେନ୍ଦ୍ର କର୍ସେଲ ପ୍ରମୁଖ ପ୍ରତିଯୋଗିତା ରେ ସ ?ହ ?ଯୋଗ କରିଥିଲେ । ପ୍ରତିଯୋଗିତା ଶେଷରେ କୃତିତ୍ୱ ଅର୍ଜନ କରି ଜିଲାସ୍ତରୀୟ ପ୍ରତିଯୋଗିତାରେ ବଡ଼ଗାଁ ବ୍ଲକର ପ୍ରତିନିଧିତ୍ୱ କରିବାକୁ ଥିବା କୃତୀ ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରାଯାଇଥିଲା। କରାଯାଇଥିଲା। ଉଦଯାପନୀ ଉତ୍ସବରେ ବରଙ୍ଗାକଛାର ହାଇସ୍କୁଲର ପ୍ରଧାନଶିକ୍ଷକ ଦୁବରାଜ ଗୋଖରା ମୁଖ୍ୟ ଅତିଥି ଓ ବଡ଼ଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଲାକ୍ରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ଶେଷରେ ପ୍ରଧାନ ଶିକ୍ଷକ ଲଳିତ ମୋହନ ସାହୁ ଧନ୍ୟ ବାଦ୍ ଦେବା ସହ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପି ମହିଳା ମୋର୍ଚ୍ଚା ସଦସ୍ୟାଙ୍କ ବିୟୋଗରେ ଶୋକସଭା

ପାରାଦୀପ, (ମହାଭାରତ) : ଗତ ସେପ୍ଟେମ୍ବର ୧ ତାରିଖରେ ଏକ କାର ଦୁର୍ଘଟଣାରେ ପାରାଦୀପ ବିଜେପି ମହିଳା ମୋର୍ଚ୍ଚା ସଦସ୍ୟା ପ୍ରତିମା ଦାସ ଏବଂ ତାଙ୍କ ସ୍ୱାମୀ ଇଂ. ବିଭୁତି ଭୂଷଣ ଦାସ ଙ୍କ ଦୁଃଖଦ ମୃତ୍ୟୁ ଘଟିଥିଲା । ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ତେବେ ମହିଳା ମୋର୍ଚ୍ଚା ର ବରିଷ୍ଠ ସଦସ୍ୟା ପ୍ରତିମା ଦାସ ଙ୍କ ବିୟୋଗରେ ପାରାଦୀପ ମହିଳା ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ନୂଆବଜାର ସ୍ଥିତ ବିଜେପି କାର୍ଯ୍ୟାଳୟ ପରିସରରେ ଏକ ଶୋକ ଓ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ଏଥିରେ ପାରାଦୀପ ବିଜେପି ମହିଳା ମୋର୍ଚ୍ଚା ନେତ୍ରୀ ପ୍ରୀତିରେଖା ନାୟକ, ବିଷ୍ଣୁପ୍ରିୟା, କନକ ସାହୁ, ଟୁନି ରାଉତ, ରଶ୍ମିତା ସାହୁ, ସ୍ମୃତି ମହେଶ୍ୱରୀ, ଗୌରୀ ସୋରେନ, ପ୍ରତିମା ଦାସ, ବିଜେପି ନଗର ସଭାପତି ସୁବ୍ରତ ପ୍ରଧାନ, ଗୋବିନ୍ଦ ନାୟକ, ବିଭୁତି ଦାସ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ହୋଇ ସ୍ୱର୍ଗତା ପ୍ରତିମା ଦାସ ଙ୍କ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।



## ବିଶ୍ୱକର୍ମା ପୂଜାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସର ପରେଡ



ପାରାଦୀପ, (ମହାଭାରତ) : ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ସପ୍ତାହବ୍ୟାପି ଅନୁଷ୍ଠିତ ହେବାକୁ ଯାଉଥିବା ପାରାଦୀପ ର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ସହିତ ଆଇନ ପରିସ୍ଥିତି ନିୟନ୍ତ୍ରଣ ପାଇଁ ପାରାଦୀପ ଆଦର୍ଶ ଥାନାରେ ଶନିବାର ଦିନ ଏକ ଗୁଣ୍ଡା ପ୍ୟାରେଡ କରାଯାଇଥିଲା । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଏଏସପି) ଅଜିଂକ୍ୟ ବାବୁରାଓ ମାଣେ ଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ୟାରେଡ ରେ ଆଦର୍ଶ ଥାନା ଆଇଆଇସି ବବିତା ଦେହୁରୀ ଓ ପୋଲିସ କର୍ମଚାରୀ ଙ୍କ ସମେତ ବିଭିନ୍ନ ମାମଲା ଥିବା ବ୍ୟକ୍ତି ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଏଏସପି ଶ୍ରୀ ମାଣେ ଚଳିତ ପୂଜାରେ କୌଣସି ବିଶୃଙ୍ଖଳା କିମ୍ବା ଆଇନ କାନୁନ ପରିସ୍ଥିତି ସୃଷ୍ଟି ନକରିବାକୁ ସମସ୍ତଙ୍କୁ ଚେତାବନୀ ଦେଇଥିଲେ । ଯଦି ଏଥିରେ ବ୍ୟତିକ୍ରମ ହୁଏ, ତେବେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଆବଶ୍ୟକ ପଡିଲେ ତାଙ୍କ ସମ୍ପତି ଜବତ କରିବ ବୋଲି ସତର୍କ କରାଇଥିଲେ । ଶ୍ରୀ ମାଣେ ଙ୍କ ଏପରି ପଦକ୍ଷେପ କୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ଜାତୀୟ ରାଜପଥରେ ଟ୍ୟାଙ୍କରରୁ ତେଲ ଚୋରି- ଡ୍ରାଇଭର, ହେଲପର ଗିରଫ



ବାଲିଚନ୍ଦ୍ରପୁର, (ମହାଭାରତ) : ପାରାଦୀପ ରୁ ଜାତୀୟ ରାଜପଥ ୫୩ ଦେଇ ରାଜ୍ୟର ବିଭିନ୍ନ ଅଂଚଳକୁ ପେଟ୍ରୋଲ ଓ ଡିଜେଲ ପରିବହନ ହୋଇଥାଏ, ଗୁରୁବାର ମଧ୍ୟାହ୍ନରେ ବାଲିଚନ୍ଦ୍ରପୁର ପୋଲିସ ପେଟ୍ରୋଲିଙ୍ଗ କରବା ସମୟରେ ଓଳାଶୁଣୀ, ପାରିପଲେଇ ଛକ ମଝିରେ ଏକ ପେଟ୍ରୋଲ, ଡିଜେଲ ବୋଝେଇ ଟ୍ୟାଙ୍କର ଡଓ୧୫ ଇଉ ୦୭୭୦ ରାଜପଥରେ ଦୀର୍ଘ ସମୟ ଠିଆ ହୋଇଥିବା ଦେଖି ଏ ଏସ ଆଇ ଅଚ୍ୟୁତାନନ୍ଦ ଦାସ ଓ କିଛି ଷ୍ଟାଫ ଘଟଣା ସ୍ଥଳରେ ପହଞ୍ଚି ଦେଖନ୍ତିତ ଟ୍ୟାଙ୍କରର ଡ୍ରାଇଭର ଓ ହେଲପର ଦୁଇଟି ପ୍ଲାଷ୍ଟିକ ଜାରରେ ଡିଜେଲ, ପେଟ୍ରୋଲ କାଟି ବିକିବା ପାଇଁ ଅପେକ୍ଷା କରିଥିଲେ, ପୋଲିସ ଘଟଣା ସ୍ଥଳରୁ ଟ୍ୟାଙ୍କର, କଟାଯାଇଥିବା ଡିଜେଲ ପେଟ୍ରୋଲ ଜବତ କରି ଡ୍ରାଇଭର, ହେଲପର କୁ କାବୁ କରିଥିବା ବେଳେ କିଣିବା ଲୋକ ଚତୁରତାର ସହିତ ଖସିଯାଇଥିଲା, ଏସ ଆଇ ପି କେ ସେଠି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚାଲୁ ରଖିଛନ୍ତି,ପୋଲିସ ୩୪୯/୨୬ଏକ ମାମଲା ରୁଜୁ କରି ବୌଦ୍ଧ ଜିଲ୍ଲାର ହରଭଙ୍ଗା ଥାନା କୁମାରୀ ଗ୍ରାମର ସତ୍ୟ ସୌରଭ ଅମାତ ଙ୍କ ପୁଅ ଡ୍ରାଇଭର ଚନ୍ଦନ ଅମାତ (୨୫) ଓ ବାଉଁସୁଣୀ ଥାନା ପଳାସ୍ୱାତ ଗ୍ରାମର ଚନ୍ଦ୍ରମଣି ପ୍ରଧାନଙ୍କ ପୁଅ ହେଲପର ବାଦଲ କୁମାର ପ୍ରଧାନ (୨୮) କୁ ଗିରଫ କରିଛି । ଏ ନେଇ ବାଲିଚନ୍ଦ୍ରପୁର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସ ଡି ପି ଓ ଶରତ ଚନ୍ଦ୍ର ପାତ୍ର ଯୋଗଦେଇ ସୂଚନା ଦେଇଥିଲେ, ଯେ ପାରାଦୀପ ରୁ ବୌଧ ଜିଲ୍ଲାର ରଞ୍ଜିତ ପ୍ରଧାନଙ୍କ ମା ଦୁର୍ଗା ଫିଲିଙ୍ଗ ଷ୍ଟେସନ ବୌଧ ଟାଉନ କୁ ପେଟ୍ରୋଲ ଡିଜେଲ ବୋଝେଇ ଏକ ଟ୍ୟାଙ୍କର ଯାଉଥିବା ବେଳେ ଗାଡ଼ିର ଡ୍ରାଇଭର ଓ ହେଲପର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପାରିପଲେଇ ଛକ ନିକଟରେ ଗାଡି ରଖି ଚୋରି କରି ତେଲ କାଟି ବିକିବା ପାଇଁ ପ୍ରସ୍ତୁତ ଥିବାବେଳେ ବାଲିଚନ୍ଦ୍ରପୁର ପୋଲିସ ଦ୍ୱାରା ଧରା ପଡ଼ିଥିଲେ, ସେମାନେ ତେଲ ବିକ୍ରି ପାଇଁ କାଟିଥିବା ମଧ୍ୟ ସ୍ୱୀକାର କରିଛନ୍ତି, ତେବେ ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ତେଲ ଟ୍ୟାଙ୍କର ଗାଡି, ଦୁଇଟି ମୋବାଇଲ ଫୋନ, ତେଲ କାଟିବା ପାଇଁ ପ୍ଲାଷ୍ଟିକ ପାଇପ, ଦୁଇଟି ହାତୁଡି, ସିଲ ଖୋଲିବା ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି, ଦୁଇଟି ପେଟ୍ରୋଲ ଓ ଡିଜେଲ ବୋଝେଇ କୋଡିଏ ଲିଟର ଯାର ଜବତ କରିଥିବା ବେଳେ ଚୋରା ପେଟ୍ରୋଲ ଡିଜେଲ କିଣିବା ଲୋକକୁ ଖୁବଶୀଘ୍ର ଧରାଯିବ ବୋଲି କହିଥିଲେ । ଗିରଫ ଡ୍ରାଇଭର ଚନ୍ଦନ ଓ ହେଲପର ବାଦଲକୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ଆଇ ଆଇ ସି ଦିଲୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ଭୁଶୁଡି ଲା ନାଳ ପୋଲ ଯାତାୟତ ବାଧାପ୍ରାପ୍ତ

ପାଟଣା:-(ମହାଭାରତ) ଲଗାଣ ବର୍ଷା ରେ ଭୁଶୁଡି ଲା ନାଳ ଉପରେ ଦେଇ ଯାଇଥିବା ପୋଲ ଯାତାୟାତ ରେ ବାଧାପ୍ରାପ୍ତ । ଏପରି ଦେଖିବାକୁ ମିଳି ଛି ।କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବୁଢୀକାପୁଡି ପଂଚାୟତ ଅନ୍ତର୍ଗତ ପୁରନ୍ଦରପୁର ଦେଇ ବୋହି ଯାଇ ଥିବା ବାଘିଆ ନାଳ ଲଗାଣ ବର୍ଷା ଯୋଗୁ ଭୁଶୁଡି ଯାଇ ଛି । ଫଳରେ ଜନସାଧାରଣ ଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇ ଛି । ଏହି ପୋଲ ଟି ଭୁଶୁଡି ଯାଇ ଥିବା ରୁ ଅନେକ ସମସ୍ୟା ଦେଖା ଯାଇ ଛି । ।ଅନ୍ୟ ପଟେ ପୁଟୁଗାଁ ଓ ସରସିଙ୍ଗା ରେ ସାପ୍ତାହିକ ହାଟ ଥିବାରୁ ଏହି ରାସ୍ତା ଦେଇ ପିଚ୍ଛୁଳାବେଡା, କାଉଁରୀ କଳା, ରସବନ୍ତଲା,ଟୁକୁଡିହା,ପୁରନ୍ଦର ପୁର ଗ୍ରାମ ବ୍ୟବସାୟ ଙ୍କ ଠାରୁ ଚାଷୀ ଭାଇ ମାନେ ମଧ୍ୟ ପନିପରିବା ସାପ୍ତାହିକ ହାଟ କୁ ପୋଲ ଭୁଶୁଡ଼ି ବାରୁ ବିକ୍ରି କରି ନ ପାରିବାରୁ ସମସ୍ୟା ଭୋଗୁ ଥିବା ଦେଖା ବାକୁ ମିଳି ଛି। ଦୀର୍ଘ ଦିନ ହେବ ଏହି ପୋଲ ଟି ନିର୍ମାଣ ହୋଇ ଥିଲେ କେବଳ ହୋମ ପାଇପ ବିଛାଇ ପଥର ଓ ମରମ ରେ ନିର୍ମାଣ କରିଥିବା ରୁ ଉପର ଭାଗ କଂକ୍ରିଟ ନ କରିଥିବା ପୋଲ ଟି ଭୁଶୁଡି ଯାଇ ଛି । ଏହି ଭୁଶୁଡି ଯାଇଥିବା ପୋଲ ଟି ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ମରାମତି କରିବାକୁ ଛଅ ଗ୍ରାମ ଲୋକେ ଦାବି କରିଛନ୍ତି।

## ମାସେ ଧରି ମୋଦୀଙ୍କ ଜନ୍ମ ଜୟନ୍ତୀ ପାଳନ କରିବ ଗଜପତି ଭାଜପା

ଗଜପତି, (ମହାଭାରତ) : ଆସନ୍ତା ସେପ୍ଟେମ୍ବର ମାସ ୧୭ ତାରିଖରେ ଦେଶର ଲୋକପ୍ରିୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ପାଳନ ଅବସରରେ ଅତ୍ୟନ୍ତ ଆଡମ୍ବର ସହ ସେବା ମୋନୋଭାବ ନେଇ ଜୟନ୍ତୀ କୁ ମାସେ ଧରି ପାଳନ କରିବ ଗଜପତି ଭାରତୀୟ ଜନତା ପାର୍ଟି । ଜିଲ୍ଲା ସଭାପତି ନବ କିଶୋର ଶବର ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଦୁଇ ସାଧାରଣ ସଂପାଦକ ଜଗନ୍ନାଥ ମହାପାତ୍ର ଓ ଇ. ପ୍ରଶାନ୍ତ ମଞ୍ଚାସୀନ ଥିଲେ। ଏହି ଅବସରରେ ୧୭ ତାରିଖ ଦିନ ଆଶୀର୍ବାଦ ର ଦୀପ ଜାଳି ସାଧାରଣ ଜନତା ବିଶେଷ କରି ହିତାଧୀକାରୀ ମାନେ ମୋଦୀଙ୍କ ୨୫ ବର୍ଷ ର ସେବା ପାଇଁ କୃତଜ୍ଞତା ଜଣାଇବେ, ବିକଶିତ ଭାରତ କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ଆଶା ଦିଦି ଓ ଅଙ୍ଗନବାଡି ଦିଦି ଙ୍କୁ ତାଙ୍କ ସେବା ପାଇଁ ଶୁଭେଚ୍ଛା, ସେବା ଜ୍ୟୋତି ର କଳସ ଯାତ୍ରା , ରଙ୍ଗୋଲି କାର୍ଯ୍ୟକ୍ରମ ଏବଂ ପାରଳାଖେମୁଣ୍ଡି ସମେତ ଜିଲ୍ଲା ର ଅନେକ ସ୍ଥାନ ରେ ରକ୍ତ ଦାନ ଶିବିର ଆୟୋଜନ କରାଯିବ ବୋଲି ଏକ ପ୍ରେସ ବିବୃତିରେ କହିଛନ୍ତି ଜିଲ୍ଲା ସଭାପତି । ସେବା ସଂକଳ୍ପ ଅଭିଯାନ - ନର ସେବା କାର୍ଯ୍ୟକ୍ରମ ଆସନ୍ତା ସେପ୍ଟମ୍ବର ୧୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବ। ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ୭ ଅକ୍ଟୋବର ୨୦୨୬ ରେ ଜନସେବା ଏବଂ ସୁଶାସନର ନିରନ୍ତର ଯାତ୍ରାର ୨୫ ବର୍ଷ ପୂରଣ କରୁଛନ୍ତି । ୭ ଅକ୍ଟୋବର ୨୦୦୧ ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ ସହିତ ଆରମ୍ଭ ହୋଇଥିବା ଏହି ଯାତ୍ରା ସେବା, ସମର୍ପଣ ଏବଂ ଜନକଲ୍ୟାଣର ଅତୁଟ ସଂକଳ୍ପର ଯାତ୍ରା ଜାରୀ ରହିଛି । ଦେଶର ସାଧାରଣ ନାଗରିକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ତାଙ୍କର ପ୍ରତିବଦ୍ଧତା ଫଳରେ ଏହି ୨୫ ବର୍ଷ ମଧ୍ୟରେ ପ୍ରଥମେ ଗୁଜରାଟ ଏବଂ ପରେ ସମଗ୍ର ଦେଶରେ ସୁଶାସନ, ବିକାଶ ଓ ଜନକଲ୍ୟାଣ କ୍ଷେତ୍ରରେ ବ୍ୟାପକ ଏବଂ ଗୁଣାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି । ଜନସେବାକୁ ସର୍ବୋପରି ରଖି ତାଙ୍କର ଏହି ୨୫ ବର୍ଷର ଯାତ୍ରା ବିକଶିତ ଏବଂ ଆତ୍ମନିର୍ଭର ଭାରତ ନିର୍ମାଣର ଏକ ପ୍ରେରଣାଦାୟୀ ଗାଥା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ସେବା ପ୍ରତି ସମର୍ପଣର ଏହି ଭାବନା ଅତ୍ୟନ୍ତ ପ୍ରେରଣାଦାୟୀ, ଯାହାଠାରୁ ପ୍ରେରଣା ନେଇ ଭାରତୀୟ ଜନତା ପାର୍ଟିର କୋଟି କୋଟି କାର୍ଯ୍ୟକର୍ତ୍ତା। ନିରନ୍ତର ସେବା ଭାବରେ କାର୍ଯ୍ୟ କରୁଛନ୍ତି । ମାନନୀୟ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ନିତିନ ନବୀନଙ୍କ ନିର୍ଦ୍ଦେଶାନୁସାରେ ସେବାର ଏହି ଭାବନାରୁ ପ୍ରେରଣା ନେଇ ଚଳିତ ବର୍ଷ ପାର୍ଟି ମାନନୀୟ ପ୍ରଧାନମନ୍ତ୍ରୀ ଜୀଙ୍କ ଜନ୍ମଦିବସ ୧୭ ସେପ୍ଟେମ୍ବର ୨୦୨୬ ରୁ ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ "ସେବା ସଂକଳ୍ପ ଅଭିଯାନ - ନର ସେବା ହିଁ ନାରାୟଣ ସେବା" ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛି ଗଜପତି ଜିଲ୍ଲା ଭାରତୀୟ ଜନତା ପାର୍ଟି ।

## ୪ଟିକିଆ ହାତୀପଲଙ୍କ ଉପଦ୍ରବ ବ୍ୟାପକ ଧାନ ଫସଲ ନଷ୍ଟ



ରେଢ଼ାଖୋଲ (ମହାଭାରତ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ହାତୀ ପଲଙ୍କ ଉପଦ୍ରବ ଲାଗି ରହିଛି। ପ୍ରାୟ ୧୦ରୁ ୧୫ଦିନ ହେବ ରେଢ଼ାଖୋଲି ବନଖଣ୍ଡ ବଡବାହାଲ ରେଞ୍ଜ କୁକୁଡ଼ାବାହାଲୀ ଗ୍ରାମରେ ୪ ଟିକିଆ ହାତୀପଲ ଉପଦ୍ରବ କରି ବ୍ୟାପକ ଧାନ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ସହଳ କିସମ ଧାନ କେଣ୍ଡା ବାହାରୁ ଥିବା ସମୟରେ ରେ ହାତୀ ପଲ ଫସଲ ଖାଇବା ସହିତ ମାଡ଼ି ଦଳି ନଷ୍ଟ କରି ଦେଉଥିବାରୁ ଚାଷୀ ବିପୁଳ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଆଜକୁ ପ୍ରାୟ ୧୦ଦିନରୁ ଅଧିକ ହେବ ସନ୍ଧ୍ୟା ନହେଉଣୁ ନିକଟସ୍ଥ ଜଙ୍ଗଲରୁ ହାତୀ ପଲ କୁକୁଡ଼ାବାହାଲୀ ଗ୍ରାମକୁ ଆସି ଉପଦ୍ରବ କରୁଛନ୍ତି। ଗ୍ରାମର ସଭନ ପ୍ରଧାନ ,ଦଣ୍ଡୁଆ ପ୍ରଧାନ ,ଅଛୁ ପ୍ରଧାନ ,ସୁଦର୍ଶନ ପ୍ରଧାନ, ତ୍ରିଲୋଚନ ପ୍ରଧାନ ,ବିରେନ ପ୍ରଧାନ ,ଅନ୍ତ ପ୍ରଧାନ ,ରବି ପ୍ରଧାନ ,ଜଳନ୍ଧର ପ୍ରଧାନ,ଯୋଗିନ୍ଦ୍ରପ୍ରଧାନ ,ଗପାଳ ପ୍ରଧାନ ,ସୁଦର୍ଶନ ପ୍ରଧାନ ,ଶୁକ ପ୍ରଧାନ,ପରମା ପ୍ରଧାନ ୨୦ଜଣ ଚାଷୀଙ୍କ ପ୍ରାୟ ୩୦ ଏକରରୁ ଅଧିକ ଧାନ କିଆରୀରୁ କେଣ୍ଡା ବାହାରୁ ଥିବା ଧାନ ଫସଲ ଖାଇବା ସହିତ ମାଡ଼ିଦଳି ନଷ୍ଟ କରି ଦେଇଛନ୍ତି। ଗ୍ରାମବାସୀ ହାତୀ ପଲଙ୍କୁ ଘଉଡ଼ାଇବା ପାଇଁ ଚେଷ୍ଟା କରୁଥିଲେ ମଧ ହାତୀ ବାରମ୍ବାର ଆସି ଫସଲ ନଷ୍ଟ କରୁଛନ୍ତି। ଚାଷୀ ସମବାୟ ସମିତିରୁ ଋଣ କରିବା ସହିତ ଧାର କରଜ କରି ବହୁ କଷ୍ଟ କରି ଚାଷ କରିଥିବା ବେଳେ ଫସଲ ନଷ୍ଟ ଯୋଗୁ ଋଣ ପରିଶୋଧ ଓ ପରିବାର ପ୍ରତିପୋଷଣ ଚିନ୍ତାରେ ପଡିଛନ୍ତି । ହାତୀ ଉପଦ୍ରବର କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ସହିତ ହାତୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଚାଷୀ ଦାବି କରିଛନ୍ତି।

## ନବନିର୍ମିତ ଛାତ ଭୁଶୁଡ଼ିବା ଘଟଣା

## କାର୍ଯ୍ୟାନୁଷ୍ଠାନ ବିଳମ୍ବକୁ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ

ଧାମନଗର(ମହାଭାରତ): ଧାମନଗର ବ୍ଲକ ହସନାବାଦ ପଞ୍ଚାୟତସ୍ଥିତ ମା’ ବାସନ୍ତୀ ଦୁର୍ଗା ମଣ୍ଡପର ନବନିର୍ମିତ ଛାତ ଭୁଶୁଡ଼ିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାକୁ ଚାରି ଦିନ ବିତିଯାଇଥିଲେ ହେଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା, ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅବହେଳା ଓ ବ୍ଲକ ପ୍ରଶାସନର ଟାଳଟୁଳ ନୀତିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକଙ୍କ ଉଦ୍ୟମରେ ‘ଆମ ଗାଁ ଆମ ବିକାଶ’ ଯୋଜନାରୁ ୩ ଲକ୍ଷ, ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ ଅନୁଦାନ ଏବଂ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଅତିରିକ୍ତ ୪ ଲକ୍ଷ ଟଙ୍କା ମିଳିଛି। ମୋଟ ୭ ଲକ୍ଷରୁ ଅଧିକ ସରକାରୀ ଅର୍ଥରେ ଏହି କୋଠା ନିର୍ମାଣ ଚାଲିଥିଲା।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଛାତ ପକାଇବା ସମୟରେ କନିଷ୍ଠ ଯନ୍ତ୍ରୀ ପ୍ରଭାତ ବେହେରା ଉପସ୍ଥିତ ଥିଲେ ଏବଂ ଛାତ ପଡ଼ିବାର ଫଟୋ ବ୍ଲକର ଅଫିସିଆଲ୍ ହ୍ୱାଟସପ୍ ଗ୍ରୁପ୍‌ରେ ପୋଷ୍ଟ କରିଥିଲେ। ମାତ୍ର ଛାତ ଭୁଶୁଡ଼ିବା ପରେ ନିଜର ତ୍ରୁଟି ଲୁଚାଇବା ପାଇଁ ଏହା ସରକାରୀ ଟଙ୍କାରେ ହେଉନଥିଲା ବୋଲି ଓଲଟା ଯୁକ୍ତି ବାଢୁଛନ୍ତି। ଏହି ଘଟଣାର ଦୃଢ଼ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲ୍ଲା ପରିଷଦ ସଦସ୍ୟ ତଥା ବିଜେଡିର ଜିଲ୍ଲା ଉପସଭାପତି ପ୍ରଦୀପ ମଲ୍ଲିକ ଧାମନଗର ବିଡିଓ ବନବିହାରୀ



ଦିଣ୍ଡାଙ୍କ ନିକଟରେ ଅଭିଯୋଗ କରିଛନ୍ତି। କନିଷ୍ଠ ଯନ୍ତ୍ରୀ ଶ୍ରୀ ବେହେରାଙ୍କୁ ଅର୍ଜୁନପୁର, ଅସୁରାଳି, ଧୂଷୁରୀ, ଗୋବିନ୍ଦପୁର, ହସନାବାଦ, ରଇପୁର ଏବଂ ପାଞ୍ଚବଟୀ ୭ଟି ପଞ୍ଚାୟତ)ର ଦାୟିତ୍ୱ ଦିଆଯାଉଛି। ଏତେଗୁଡ଼ିଏ ପଞ୍ଚାୟତ ଦାୟିତ୍ୱ ସମ୍ଭାଳିବାରେ ଅସମର୍ଥ ହୋଇ ସେ କୌଣସି ପ୍ରକଳ୍ପ କାମ ଠିକ୍ ଭାବେ ତଦାରଖ କରୁନଥିବା ଅଭିଯୋଗ ହୋଇଛି। ଛାତ ପକାଇବା ସମୟରେ ବୈଷୟିକ ଜ୍ଞାନକୌଶଳକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିଲା। ମଜଭୁତ ଲୁହା ସେଣ୍ଟ୍ରି ବଦଳରେ ପୁରୁଣା ଓ ଦୁର୍ବଳ ବାଉଁଶରେ ପଡ଼ିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

## ଲଗାଣ ବର୍ଷା ଯୋଗୁ ମାଟିକାନ୍ଥ ପଡି ବୃଦ୍ଧ ଆହତ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ସାହାରପଦା ବ୍ଲକ କପୁଣ୍ଡି ପଞ୍ଚାୟତ୍ ଅନ୍ତର୍ଗତ କରଞ୍ଜିଆପଡା ରେ ଲଗାଣ ବର୍ଷା ଯୋଗୁ ମାଟି ଘର କାନ୍ଥପଡି ଜଣେ ବୃଦ୍ଧ ଆହତ ହୋଇଛନ୍ତି। ଆହତ ବୃଦ୍ଧ ଜଣକ ବୈରାଗୀ ପଇଦା ବୋଲି ଜଣାପଡି ଛି। ବୃଦ୍ଧ ବୈରାଗୀ ଘର ଭିତରେ ଛିଡ଼ା ହୋଇ ଥିବା ସମୟରେ ଘର କାନ୍ଥ ଟି ବୃଦ୍ଧ ଙ୍କ ଉପରେ ଖସିପଡି ଫଳରେ ବୃଷ କୁ କାନ୍ଥ ତଳେ ପୋତି ହୋଇ ରହିଥିବା ବେଳେ ପରିବାର ଲୋକେ ମାଟିତଳୁ ଉଦ୍ଧାର କରି ଏକ ଅଟୋ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ବୃଦ୍ଧ ଜଣକ ମୁଣ୍ଡ, ଛାତି ରେ ଆହତ ଲାଗି ଥିବା ବେଳେ ପ୍ରାଥମିକ ଚିକିତ୍ସା ରୁ ବୃଦ୍ଧ ଜଣକ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣାପଡିଛି।

## ଦାସିଆ ଅଜାଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକ



ନୂଆଗାଁ, (ମହାଭାରତ) : ପୃଥିବୀ ପୃଷ୍ଠରେ କୋଟିକୋଟି ମଣିଷ ଜନ୍ମ ଗ୍ରହଣ କରୁଥିଲେ ମଧ ସମସ୍ତଙ୍କ ଜୀବନ କାହାଣୀ ଇତିହାସରେ ଲିପିବଦ୍ଧ ହୋଇପାରିନାହିଁ ।କେତେ ଜଣ ଅସାଧାରଣ ବ୍ୟକ୍ତିତ୍ୱ ଆବିର୍ଭାବ ହୋଇଥାନ୍ତି ଯେଉଁମାନେ ନିଜର ନିଷ୍ଠା,ସାଧନା,ସଂକଳ୍ପ ,ଏକାଗ୍ରତା ଦ୍ୱାରା ଏପରି ଆଲୋକିତ କୀର୍ତ୍ତି ଅର୍ଜନ କରିଯାଇଛନ୍ତି ଯାହାଦ୍ୱାରା ମୃତ୍ୟୁ ପରେ ମଧ ସେମାନେ ଗୋଟିଏ ଜାତି ପାଇଁ ଅମୂଲ୍ୟ ସମ୍ପଦ ହୋଇ ଯୁଗ ଯୁଗ କୁ ରହିଥାନ୍ତି ।ଏହି ପରି ରାଜ୍ୟ ଓ ଦେଶବାସୀଙ୍କ ଚର୍ଚ୍ଚିତ ବିରଳ ବ୍ୟକ୍ତିତ୍ୱ ଜୀବନ ପଥର ବିରଳ ନିସଂଗ ପଥିକ ଓଡ଼ିଶା ପାଠାଗାର ଆନ୍ଦୋଳନର ସ୍ରଷ୍ଟା ପ୍ରବାଦ ପୁରୁଷ ପ୍ରଖ୍ୟାତ ସଂଗ୍ରହକ ପ୍ରସିଦ୍ଧ ସାରସ୍ୱତ ସାଧକ ଦାଶରଥି ପଟ୍ଟନାୟକ (୧୯୦୭ -୧୯୯୭) ଦଶ ପଇସାର ରାଜା,ଖୁଣ୍ଟା ତଡ଼ା ରଜା,ଦାସିଆ ଅଜାଙ୍କ ନାମରେ ସମଗ୍ର ଓଡ଼ିଶାରେ ଜନମାନସରେ ସମସ୍ତ ଙ୍କ ପରିଚିତ ଓ ପ୍ରତିଷ୍ଠିତ । ରାଜ୍ୟ ଓ ଦେଶବାସୀଙ୍କ ପାଇଁ ଥିଲେ ଏକ ବିସ୍ମୟ ଓଡ଼ିଆ ଜାତିର ଗର୍ବ ।ଦାସିଆ ଅଜା ଅତି ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଚତୁର୍ଥ ଶ୍ରେଣୀ ଥିଲା ତାଙ୍କର ପାଠପଢ଼ା ।ଦିପ୍ରହରେ ବିଶ୍ରାମ ସମୟରେ ବହି ପଢ଼ିବାଥିଲା ତାଙ୍କର ନିଷ୍ଠା ।ଏହି ବହି ପଢ଼ିବା ନିଶାରୁ ଆରମ୍ଭ କଲେ ସେ ଓଡ଼ିଶା ଯାତ୍ରା। ଗାଁ ,ଗଣ୍ଡା, ସହର, ବଜାର ବୁଲିବୁଲି ପାଲଟିଗଲେ ଓଡ଼ିଶାର ସର୍ବ ଶ୍ରେଷ୍ଠ ଜ୍ଞାନର ଭିକାରୀ। ଅଧା ଲଙ୍ଗଳା ବେଶ,ହାତରେ ଗୋଟିଏ ଠେଙ୍ଗା,କାନ୍ଧରେ ଏକ ଝୁଲା ମୁଣୀ ମୁଠାଏ ମୁଢ଼ି,କପେ ନାଲି ଚା ଥିଲା ତାଙ୍କର ଜୀବନ। ଜୀବନ ପ୍ରଣାଳୀ ଥିଲା ସରଳ ଓ ଅତି ସାଧାରଣ ହାତ ପାତି ମାଗିଲେ ସମସ୍ତଙ୍କୁ ପୁସ୍ତକ ,ପତ୍ର ପତ୍ରିକା ,ତାଳ ପତ୍ର ପୋଥି ଏବଂ ବିଭିନ୍ନ ପୁରାତନ ସଂସ୍କୃତିର ସନ୍ତକ ଓ ଦାସ ପଇସାର ଭିକ୍ଷା ବୟସ ହାର ମାନିଥିଲା ତାଙ୍କ ପାଖରେ ମାଗିଯାଚି ଜାତି ପାଇଁ ସୃଷ୍ଟି କଲେ ଏକ ମହାନ୍ ସଂସ୍କୃତିକ ପର୍ଯ୍ୟଟନ ସମ୍ଭାର। ଏକ ନିପଟ ପାହାଡ,ଜଙ୍ଗଲ ମଫସଲ ଗାଁ ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ ଉଦୟପୁର ରେ ପ୍ରତିଷ୍ଠା କରି ପାରିଥିଲେ ଏକ ପୃଥିବୀ ପ୍ରସିଦ୍ଧ ପାଠାଗାର , ସଂଗ୍ରାହଳୟ ସହିତ ସଂସଦ ଓ ଗବେଷଣା ଗାର। ଯାହା ଆଜି ସମଗ୍ର ବିଶ୍ୱରେ ବିରଳ ଏବଂ ବିସ୍ମୟ ଅଟେ।ପାଠାଗାର ସଂଗ୍ରହାଳୟରେ ପୃଥିବୀର ବିଭିନ୍ନ ଭାଷାରେ ୧୫୦୦୦୦ ରୁ ଉର୍ଦ୍ଧ ପୁରାତନ ଓ ଆଧୁନିକ ପୁସ୍ତକ,ପତ୍ର ପତ୍ରିକା ସମେତ ଶହଶହ ତାଳପତ୍ର ପୋଥି ଆଦିମ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦେଶ ବିଦେଶର ଶହଶହ ବିରଳ ବିଚକ୍ଷଣ ପଦାର୍ଥ ମାନ ରହିଛି ।ଯାହାକି ଆଜି ଦାସିଆ ଅଜାଙ୍କ ପ୍ରସିଦ୍ଧ ସାଂସ୍କୃତିକ ସମ୍ଭାର ରାଜ୍ୟ ଓ ଦେଶ ବିଦେଶର ପାଠକ,ଗବେଷକ, ଦର୍ଶକ,ପର୍ଯ୍ୟଟକ,କବି,ଲେଖକ,ସାହିତ୍ୟିକ ଏବଂ ବୁଦ୍ଧିଜୀବି ମାନଙ୍କ ପାଇଁ ଏକ ଜାତୀୟ ତୀର୍ଥ କ୍ଷେତ୍ରରେ ପରିଣତ ହୋଇଛି ।ଦାସିଆ ଅଜାଙ୍କୁ ଏହି ମହାନ୍ କାର୍ଯ୍ୟରେ ସହଯୋଗ କରିଥିଲେ ସହଧର୍ମିଣୀ ପୂର୍ଣ୍ଣମାସି ଦେବୀ ।ଦାସିଆ ଅଜାଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ ଦୀପକ ଦାସିଆ ଅଜାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ କାର୍ଯ୍ୟରତ ।ପ୍ରତି ବର୍ଷ ଭଳି ଚଳିତ ବର୍ଷ ସେପ୍ଟେମ୍ବର ୧୨ ତାରିଖ ଦାସିଆ ଅଜାଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଧୂମଧାମରେ ପାଳିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ,ଜିଲ୍ଲାପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ନୂଆଗାଁ ବିଡ଼ିଓ ଡ଼. ଅମୃତ କୁମାର ରାଉଳ, ପୂର୍ବତନ ବ୍ଲକ ଉପାଧକ୍ଷା ପୁଷ୍ପାଞ୍ଜଳି ସାହୁ ଯୋଗଦେଇ ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଓଡ଼ଗାଁରେ ୩ୟ ରାଷ୍ଟ୍ରୀୟ ଲୋକଦାଲତ :୮ ଲକ୍ଷ ୫ ହଜାର ଆଦାୟ

ଓଡ଼ଗାଁ,(ମହାଭାରତ): ଓଡଗାଁ ତାଲୁକ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଚଳିତ ବର୍ଷର ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି ।ସମସ୍ତ ମାମଲା ଗୁଡିକ ଆପୋଷ ଆଲୋଚନା ମାଧମରେ ସମାଧାନ କରାଯାଇଥିଲା ।ଦେୱାନୀ ସମ୍ପର୍କିତ ୬୯ ଗୋଟି ମାମଲା,ଫୌଜଦାରୀ ସମ୍ପର୍କିତ ୬ ଗୋଟି ମାମଲା,ବ୍ୟାଙ୍କ ସମ୍ପର୍କିତ ୧୩ ଗୋଟି ମାମଲା ଫଇସଲା କରାଯାଇ ଖୀଲାପି ମାନଙ୍କ ଠାରୁ ଏକ ଲକ୍ଷ ପଇଁତିରିଶି ହଜାର ଟଙ୍କା ଓ ଦୁର୍ଘଟଣା ସମ୍ବନ୍ଧୀୟ ଦୁଇଗୋଟି ମାମଲା ଆପୋଷ ଆଲୋଚନା ମାଧ୍ୟମରେ ଫଇସଲା କରାଯାଇ କ୍ଷତିପୂରଣ ବାବଦରେ ୬ଲକ୍ଷ ୭୦ ହଜାର ଟଙ୍କା ସମ୍ପୃକ୍ତ ବୀମାକମ୍ପାନୀ ମାନଙ୍କ ଠାରୁ ଆଦାୟ କରାଯାଇଥିଲା ।ଉକ୍ତ ରାଷ୍ଟ୍ରୀୟ ଲୋକଅଦାଲତରେ ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଦୌରାଜଜ ସଂଘମିତ୍ରା ଶର୍ମା, ଗ୍ରାମ ନ୍ୟାୟାଧିକାରୀ ଆର.ତୋଷାଲୀ, ଦେୱାନୀ (ବରିଷ୍ଠ ) ବିଭାଗ ବିଚାରପତି ରାଜେନ୍ଦ୍ର ଦାସ,ଦେୱାନୀ (କନିଷ୍ଠ ) ବିଭାଗ ବିଚାରପତି ପ୍ରେରଣାଶ୍ରୀ ଦେଓ ନିଜନିଜ ଅଦାଲତରେ ମକୋଦ୍ଦମା ଗୁଡିକ ପରିଚାଳନ କରିଥିଲେ ।ସ୍ଥାନୀୟ ବ୍ୟାଙ୍କ କର୍ମଚାରୀଓ ଅନ୍ୟ ଆଇନଜିବୀ ମାନେ ସହଯୋଗ କରିଥିବାବେଳେ କାର୍ଯ୍ୟକ୍ରମକୁ ଆଇନ ସେବା ପ୍ରାଧିକରଣର ସଂଯୋଜିକା ଶ୍ରଦ୍ଧାଞ୍ଜଳି ରଥ ପରିଚାଳନା କରିଥିଲେ ।

## ଦୁର୍ଘଟଣାରେ ମୃତ ଯୁବକଙ୍କ ପରିବାରକୁ ସହାୟତା

**ଅସ୍ତରଙ୍ଗ (ମହାଭାରତ):** ଦୁର୍ଘଟଣାରେ ପରିବାରର ଏକମାତ୍ର ରୋଜଗାରିଆ ସଦସ୍ୟଙ୍କୁ ହରାଇ ଅସହାୟ ହୋଇପଡ଼ିଥିବା ଏକ ଗରିବ ପରିବାର ପାଇଁ ଦୁଃଖର ଏହି କଠିନ ସମୟରେ ସହାୟତାର ହାତ ବଢ଼ାଇଛନ୍ତି ପାରାଦ୍ୱୀପର ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ସୁମନ୍ତ ସ୍ୱାଇଁ,ଅସ୍ତରଙ୍ଗ ବ୍ଲକ ଅଧୀନ ବାଘମରା ଗ୍ରାମର କୁମର ସାହାଣୀଙ୍କ ପୁଅ ବୀରେନ୍ଦ୍ର ସାହାଣୀ (୪୧)ଙ୍କ ଗତ ୫ ତାରିଖରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଥିଲା। ତାଙ୍କ ଅକାଳ ମୃତ୍ୟୁରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିବା ବେଳେ ଜୀବନ ଜୀବିକା ନେଇ ପରିବାର ସଦସ୍ୟମାନେ ଅନିଶ୍ଚିତତା ମଧ୍ୟରେ ପଡ଼ିଛନ୍ତି,ଏହି ଦୁଃଖଦ ଘଟଣା ସମ୍ପର୍କରେ ଖବର ପାଇ ସମାଜସେବୀ ଶ୍ରୀ ସ୍ୱାଇଁ ବୀରେନ୍ଦ୍ରଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଦୁଃଖର ଏହି ଘଡ଼ିରେ ପରିବାର ସହିତ ଠିଆ ହୋଇ ମାନବିକତାର ଏକ ଉଦାହରଣ ସୃଷ୍ଟି କରିଛନ୍ତି ଶ୍ରୀ ସ୍ୱାଇଁ। ସୂଚନା ଅନୁଯାୟୀ, ସ୍ୱର୍ଗତ ବୀରେନ୍ଦ୍ରଙ୍କ ପରିବାର ଅତ୍ୟନ୍ତ ଗରିବ। ସେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିବାରୁ ତାଙ୍କ ଅକାଳ ବିୟୋଗ ପରେ ପରିବାରର ଆର୍ଥିକ ଭିତ୍ତି ଦୋହଲିଯାଇଛି। ଏଭଳି ପରିସ୍ଥିତିରେ ପରିବାରକୁ କେବଳ ତାତ୍କାଳିକ ସହାୟତା ନୁହେଁ, ଦୀର୍ଘମିଆଦି ଭିତ୍ତିରେ ସରକାରୀ ସହାୟତା ଓ ସାମାଜିକ ସୁରକ୍ଷାର ଆବଶ୍ୟକତା ରହିଛି।

## ନୂଆଗାଁ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୂଆଗାଁ(ମହାଭାରତ):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସଦର ମହକୁମାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୨ତମ ବାର୍ଷିକ ଉତ୍ସବ ‘ସ୍ୱାର୍କ’ ଅନୁଷ୍ଠିତ ହୋଇଯାଇଛି ।ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା ।ମୁଖ୍ୟ ଅତିଥି ଭାବେ ନୂଆଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ଡ. ଅମୃତ କୁମାର ରାଉଳ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ଡ. ଗିରିଜା ଶଙ୍କର ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କମଳା ଦେଇ, ନୂଆଗାଁ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମସେନ ଦାସ,ବିଦ୍ୟାଳୟର ଅଧକ୍ଷ ବିପିନ ସାହୁ,ଓଡ଼ିଆ ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।ଅତିଥି ମାନେ ଅଭିଭାଷଣ ମାଧମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ କିପରି ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେବା ସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦ୍ୱାରା କିପରି ଛାତ୍ର ଛାତ୍ରୀ ମାନଙ୍କ ବିକାଶର ମାଧମ ହେବ ସେ ଉପରେ ବୁଝାଇଥିଲେ ।ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ।ଛାତ୍ରଛାତ୍ରୀ ମାନଙ୍କର ଚମତ୍କାର ନୃତ୍ୟ ପରିବେଷଣ ଉପସ୍ଥିତ ଦର୍ଶକ ଓ ଅଭିଭାବକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ପାଟଣା ବନାଞ୍ଚଳ ସ୍ତରୀୟ ସମୀକ୍ଷା ବୈଠକ

**ପାଟଣା,(ମହାଭାରତ):** କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ବନାଞ୍ଚଳ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଛି। ବନ ପରିଚାଳନା ବିଭିନ୍ନ ବିଷୟ ଉପରେ ବିସ୍ତୃତ ସମୀକ୍ଷା କରାଯାଇ ଛି । ବିଦ୍ୟୁତ ପ୍ରହରୀ କାର୍ଯ୍ୟକ୍ରମ ଓ ବିଦ୍ୟୁତ ସୁରକ୍ଷା ନିରୀକ୍ଷଣ,ପ୍ରଥମ ବର୍ଷର ବୃକ୍ଷରୋପଣର ଜୀବନ୍ତତା ହାର ବାଉଁଶ, ପଶୁଖାଦ୍ୟ ଓ ଫଳଜାତୀୟ ଚାରାରୋପଣ ଏବଂ ଚାରା ବଣ୍ଟନ, ସୌର ଆଲୋକ ଓ ବନ ସୁରକ୍ଷା ସମିତି ରିଭଲଭିଂ ଫଣ୍ଡ ଋଣ ପରିଶୋଧ, ମଣିଷ-ହାତୀ ସଂଘର୍ଷ,ନିରାକରଣ ସମ୍ବନ୍ଧୀୟ ପଦକ୍ଷେପ ଓ ଅନୁକମ୍ପା ସର୍ଭେ ଅନୁମୋଦନ ସମ୍ପର୍କିତ ବିଷୟଗୁଡ଼ିକର ସମୀକ୍ଷା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ପାଟଣା ବନାଞ୍ଚଳରେ ନୂତନ ଭାବେ ଯୋଗଦେଇଥିବା ରେଞ୍ଜ ଅଫିସର ଶ୍ରୀ ଆର୍ତ୍ତତ୍ରାଣ ମିର୍ଦ୍ଧା ମହୋଦୟ ଙ୍କ ସଭାପତିତ୍ୱ ରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ, ପାରା କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଦଳର ସଦସ୍ୟ ମାନେ ଉପସ୍ଥିତ ଥିଲେ। ବନପାଳ ନିରଞ୍ଜନ ସେଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଶେଷରେ ସାହାରପଡା ସେକ୍ସନ ର ଗୁରୁଚରଣ ମହାନ୍ତ ଙ୍କୁ ନୟଜଗନ୍ନାଥପୁର ରେ ପ୍ଲାଣ୍ଟେସନ ର ରାକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ବନଖଣ୍ଡ ଅଧିକାରୀ ଙ୍କ ତରଫରୁ ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା

## ଦ୍ୱିତୀୟ ପର୍ଯ୍ୟାୟ ତାଲିମ ପ୍ରାକୃତିକ କୃଷି ପ୍ରଶିକ୍ଷଣ ଶିବିର



ବଲାଙ୍ଗିର(ମହାଭାରତ): ବଲାଙ୍ଗିର ଜିଲ୍ଲା, କୁରୁସୁଡ୍ ସ୍ଥିତ ସାମାଜିକ ବିକାଶ ପରିଷଦ ଅନୁଷ୍ଠାନର ଆନୁକୂଲ୍ୟରେ ଜାତୀୟ ପ୍ରାକୃତିକ କୃଷି ମିଶନ ପ୍ରୋୟୋଜିତ ପ୍ରାକୃତିକ କୃଷି ସମ୍ବନ୍ଧୀୟ ଏକ ପାଞ୍ଚ ଦିନିଆ କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଉକ୍ତ ତାଲିମ କାର୍ଯ୍ୟକ୍ରମରେ କାର୍ଯ୍ୟାଳୟ ଅନୁଷ୍ଠାନର ସମ୍ପାଦକ ଶ୍ରୀଯୁକ୍ତ ମନୋଜ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ପ୍ରାକୃତିକ କୃଷି ତାଲିମ ଶିବିର ସଂସ୍ଥାର ତାଲିମ ଗୃହଠାରେ ଉପସ୍ଥିତ କୃଷି ସଖୀ ବଙ୍ଗୋମୁଣ୍ଡା ବ୍ଲକରୁ ୨୦ ଜଣ ଓ ପାଟଣାଗଡ ବ୍ଲକରୁ ୨୦ ଜଣ ମୋଟ ୪୦ ଜଣ କୃଷି ସଖୀ ଅଂଶ ଗ୍ରହଣ କରିଥିଲେ ।ଉକ୍ତ ତାଲିମ ଶିବିରର ଉଦଘାଟନୀ ସଭାକୁ ବରିଷ୍ଠ କୃଷି ଅଧିକାରୀ ଶ୍ରୀଯୁକ୍ତ ବୈକୁଣ୍ଠ ପାଣିଗ୍ରାହୀ ନୂଆପଡାଙ୍କ କରକମଳ ରେ ଉଦଘାଟିତ ହୋଇଥିଲା । ଉକ୍ତ ଉଦଘାଟନୀ ମହୋତ୍ସବ ରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ପାଢ଼ୀ ତଥା ନୂଆପଡାର ଅଭିଜ୍ଞ ତାଲିମ ଦାତା ଶ୍ରୀଯୁକ୍ତ ଗିରେନ୍ଦ୍ର କୁମାର ଭୋଇ ସଭା ମଣ୍ଡନ କରିଥିଲେ । ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ପ୍ରାକୃତିକ କୃଷିର ବିଭିନ୍ନ ଦିଗ, ଆଗାମୀ ପିଢିର ଆବଶ୍ୟକତା, ଉପକାରିତା ତଥା ପାରିବେଶିକ ବିକାଶ ଜ୍ଞାନ କୌଶଳ ବ୍ୟବହାର ବିଷୟ ଭାବେ ଆଲୋଚନାପାତ କରିଥିଲେ । ତାଲିମ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଶ୍ରୀଯୁକ୍ତ ଆଶିଷ କୁମାର ମେହେର ଗୋଷ୍ଠୀ କୃଷି ଅଧିକାରୀ ପାଟଣାଗଡ ଯୋଗ ଦେଇ ପ୍ରାକୃତିକ କୃଷିର ଚିରସ୍ଥାୟୀ, ଆବଶ୍ୟକତା ଓ ଏହାର ଉପାଦେୟତା ସମ୍ବନ୍ଧରେ ବିଷୟ ଭାବେ ତାଲିମ ପ୍ରାର୍ଥୀ ମାନଙ୍କୁ ବୁଝାଇ ଥିଲେ ।ପ୍ରଶିକ୍ଷଣ କାର୍ଯ୍ୟକ୍ରମର ତୃତୀୟ ଦିବସରେ କ୍ଷେତ୍ର ପରିଦର୍ଶନ, ବିଭିନ୍ନ ଜୀବ ସାର, ବୀଜ ଅମୃତ, ଜୀବାମୃତ, ଘନଜୀବାମୃତ ପ୍ରସ୍ତୁତି କରଣ ଓ ପ୍ରାକୃତିକ କୃଷିର ସାମଗ୍ରିକ ବିଜ୍ଞାନ କୌଶଳ ପ୍ରୋଜେକ୍ଟର ପରଦାରେ ଭିଡିଓରେ ଗ୍ରହଣ କରାଯାଇ ଶିକ୍ଷାଦାନ ପ୍ରକ୍ରିୟାକୁ ରୁଚିବନ୍ତ କରିଥିଲେ । ଚତୁର୍ଥ ଦିବସରେ ମୁଖ୍ୟ ତାଲିମ ଦାତା ଭାବେ ୨ ଜଣ ବରେଣ୍ୟ ତାଲିମ ଦାତା ଶ୍ରୀଯୁକ୍ତ ଧବଳେଶ୍ୱର ପ୍ରଧାନ ଜିଲ୍ଲା କୃଷି ଅଧିକାରୀ, ଟିଟିଲାଗଡ ଓ ଶ୍ରୀଯୁକ୍ତ ସୋମନାଥ ମହାପାତ୍ର ଜିଲ୍ଲା କୃଷି ଅଧିକାରୀ,ପାଟଣାଗଡ ଏବଂ କୃଷି ଅଧିକାରୀ ଶ୍ରୀମତୀ ପ୍ରତିଭା ବାରିକ ଯୋଗଦାନ ଦେଇ କାର୍ଯକ୍ରମଟିକୁ କ୍ରିୟାଶୀଳ ଓ ମୁଖ୍ୟ ବିକାଶ ଧାରା ରେ ପହଞ୍ଚାଇବାରେ ସହଯୋଗ କରିଥିଲେ । ଅନ୍ତିମ ଦିବସ ରେ ସ୍ଥାନୀୟ ଜନ ପ୍ରତିନିଧି ଭାବେ ସାଂସଦ ପ୍ରତିନିଧି ଶ୍ରୀଯୁକ୍ତ ଅନିଲ କୁମାର ନାଏକ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ପ୍ରାକୃତିକ କୃଷି ବିଷୟରେ ମାର୍ଗ ଦର୍ଶନ କରାଇବା ସହ କୃଷି ତାଲିମ ପ୍ରାର୍ଥିନୀ ମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପ୍ରୋତ୍ସାହିତ କରିଥିଲେ।

## ଭାଇ ଭଉଣୀ ଭାସିଯାଇ ମୃତ

ଉଦଳା (ମହାଭାରତ ) ଭାଇ ପାଣିରେ ବୁଡ଼ିଥିବା ଦେଖି ଉଦ୍ଧାର କରିବାକୁ ଯାଇଥିଲା ଦିବ୍ୟାଙ୍ଗ ଭଉଣୀ। ହେଲେ ଉଭୟ ଭାଇ ଭଉଣୀ ଙ୍କର ଭାସି ଯାଇ ପାଣିରେ ବୁଡି ହୋଇଛି ମୃତ୍ୟୁ। ଏଭଳି ଘଟଣା ଘଟିଛି ଖୁଣ୍ଟା ଥାନା ମହ୍ଲରପଦା ଗ୍ରାମରେ। ଆଜି ସକାଳେ ସ୍ଥାନୀୟ ଲୋକେ ଭିନ୍ନ ଭିନ୍ନ ସ୍ଥାନରେ ନଦୀ ଭିତରେ ଦୁଇ ଗୋଟି ମୃତଦେହ ଦେଖି ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ। ଖବର ପାଇ ଖୁଣ୍ଟା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଂଚି ଦୁଇ ମୃତଦେହ ଉଦ୍ଧାର କରିଛି। ମହ୍ଲରପଦା ଗ୍ରାମର ପରମେଶ୍ୱର ନାୟକ ଏବଂ ତାଙ୍କ ଦିବ୍ୟାଙ୍ଗ ଭଉଣୀ ନନ୍ଦିନୀ ନାୟକ ଘରେ ରୁହନ୍ତି। ହେଲେ ପରମେଶ୍ୱର ଘର ପାଖରେ ପ୍ରବାହିତ ନାଲୁହା ନଦୀ ର କେନାଲରେ ଅସାବଧାନତା ବଶତଃ ପଡି ଭାସି ଯାଉଥିଲେ। ଏହା ଦେଖି ଦିବ୍ୟାଙ୍ଗ ଭଉଣୀ ନନ୍ଦିନୀ ତାଙ୍କୁ ଉଦ୍ଧାର କରିବା ନିମନ୍ତେ କେନାଲ ଭିତରକୁ ଓହ୍ଲାଇ ଥିବା ବେଳେ ସେ ନଦୀରୁ ପ୍ରବାହିତ କେନାଲ ର ପାଣି ସୁଅରେ ଭାସି ଯାଇଥିଲେ। ଯାହାକି ଘର ଠାରୁ ଏକ କିଲୋମିଟର ଦୂର ନାଲୁହା ନଦୀ ପାଣିରେ ଭାସି ଯାଇ କରକଚିଆ ପୋଲ ତଳେ ଅଟକିଥିଲେ। ତେବେ ପାଣିରେ ବୁଡି ଉଭୟ ଭାଇ ଏବଂ ଦିବ୍ୟାଙ୍ଗ ଭଉଣୀ ର ମୃତ୍ୟୁ ହୋଇଥିବା ବେଳେ ଅଗ୍ନିଶମ ବିଭାଗ ମହ୍ଲର ପଦା ଗ୍ରାମ କେନାଲ ରୁ ଭାଇ ଏବଂ କରକଚିଆ ନାଲୁହା ନଦୀ ଭିତରୁ ଭଉଣୀ ର ମୃତଦେହ କୁ ଉଦ୍ଧାର କରିଥିବା ବେଳେ ଖବର ପାଇ ଖୁଣ୍ଟା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଜବାହାରଲାଲ ଉଚ୍ଚ ବିଦ୍ୟାଳୟରେ ‘ଉଲ୍ଲାସ’ ପ୍ରଶିକ୍ଷଣ ଶିବିର

ଓଡଗାଁ,(ମହାଭାରତ):ଓଡଗାଁ ବ୍ଲକ ଶିକ୍ଷାକାର୍ଯ୍ୟାଳୟ ନନ୍ଦିଘୋର ସ୍ଥିତ ଜବାହାରଲାଲ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ବ୍ଲକର ୧୭୮ ଜଣ ପ୍ରାଥମିକ,ଉଚ୍ଚପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନେଇ ନବଭାରତ ସାକ୍ଷରତା ଅଭିଯାନ ଅନ୍ତର୍ଗତ ‘ଉଲ୍ଲାସ ’କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ସର୍ବେକ୍ଷକ ମାନଙ୍କ ଦ୍ୱାରା ନିରକ୍ଷର ଏବଂ ଅର୍ଦ୍ଧଶିକ୍ଷିତ ମାନଙ୍କୁ ଚିହ୍ନଟକରି ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ପଢ଼ାଯିବା ପରେ ବିଭିର୍ଣ୍ଣ ପରୀକ୍ଷା କେନ୍ଦ୍ରରେ ଆସନ୍ତା ସେପ୍ଟେମ୍ବର ୨୦ ତାରିଖରେ ହେବାକୁ ଯାଉଥିବା ପରୀକ୍ଷାରେ ଓଡଗାଁ ବ୍ଲକର ପ୍ରାୟ ୫ ହଜାର ପରୀକ୍ଷାର୍ଥୀଙ୍କୁ ଅନଲାଇନରେ କିଭଳି ପଞ୍ଜିକୃତ କରାଯିବ,ସେଥିପାଇଁ ପ୍ରଶିକ୍ଷକମାନେ ବିସ୍ତୃତ ଭାବରେ ବୁଝାଇଥିଲେ ।ବ୍ଲକ ଶିକ୍ଷାଧିକାରୀ ପିଣ୍ଟୁ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ବିଆରସିସି ରାଜକିଶୋର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଉଲ୍ଲାସ ବ୍ଲକ ନୋଡାଲ ଅଫିସର ସତ୍ୟନାରାୟଣ ଆଚାର୍ଯ୍ୟ ଉପସ୍ଥିତ ଥିବାବେଳେ ସିଆରସିସି ନରେଶ ପାଣିଗ୍ରାହୀ,ଯଶୋବନ୍ତ ପଟ୍ଟନାୟକ,ବିଭୁତି ଭୂଷଣ ଘଡେଇ, ଲଳିତ ମୋହନ ମିଶ୍ର,ହଟନାଥ ପ୍ରଧାନ ଏବଂ ବିଜୟ କୁମାର ପୃଷ୍ଟି ପ୍ରଶିକ୍ଷକ ଦାଇତ୍ୱ ତୁଲାଇଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ମହାନ୍ତି ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା କାମନା କରିଥିବାବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ସହଯୋଗ କରିଥିବା ଜଣାପଡ଼ିଛି।

## ଆସିକାରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦଲାତ ଅନୁଷ୍ଠିତ




ଆସିକା (ମହାଭାରତ): ଆସିକା କୋର୍ଟ ପରିସର ରେ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ମନୋଜ କୁମାର,ସବ ଜର୍ଜ ସୁକାନ୍ତ କିଶୋର ଜେନା,ମୁନସିବ ଇଶ୍ରିତା କେଶରୱାନୀ, ଜେଏମଏଫସି ଏ. ଗୀତାଞ୍ଜଳି ନାୟୁଡୁ,ଜେଏମଏଫସି ଟ୍ରାଇଲ ତୃପ୍ତି ଦାଶ,ଜେଏମଏଫସି ଟ୍ରାଇଲ ଜେ. ମୋହିନୀ ପ୍ରମୁଖ ଉପସ୍ଥିତ ରହି ମୋଟ ୫୧ ଗୋଟି ମାମଲା ର ଶୁଣାଣି କରିଥିଲେ କ୍ଷ ସେଥି ମଧ୍ୟରୁ କ୍ରିମିନାଲ କେସ ୪ଗୋଟି, ଏଫ ଆର ଟି ଗୋଟିଏ,ମୋଟର ଦୁର୍ଘଟଣାକ୍ଷତି ପୂରଣ ବାବଦକୁ ୧କୋଟି ୮୭ଲକ୍ଷ ୧ହଜାର ଟଙ୍କା,ଏନ ଆଇ ଆକ୍ଟରେ ଦୁଇ ଲକ୍ଷ ଟଙ୍କା କ୍ରିମିନାଲ କ୍ୟାମ୍ପାଉଣ୍ଡ ୪ଗୋଟି,ସିଭିଲ କେସ ୭ଗୋଟି ସହିତ ଆପୋସ ସମାଧାନ, ଟଙ୍କା ଫେରସ୍ତ, ମାମଲା ର ବିଚାରଣ ହୋଇଥିବା ଜଣାପଡିଛି। ଏହି ଲୋକ ଅଦାଲତ ରେ ସମାଜସେବୀ ରଶ୍ମିତା ସେନାପତି,ଆଇନଜୀବି ଅଜିତ ଚୌଧୁରୀ, ନାରାୟଣ ମୁନି, ଆଇନଜୀବୀ ପି. ଅନନ୍ତ ଶୟନମ, ଛବିଳରାମ ମିଶ୍ର, ଶିବ ଶଙ୍କର ପାତ୍ର, ସରୋଜ ତ୍ରିପାଠୀ, ସୁରେନ୍ଦ୍ର ନାଥ ପଣ୍ଡା,ରବୀନ୍ଦ୍ର କୁମାର ପାତ୍ର, ସୁଧାଂଶୁ ପାଣିଗ୍ରାହୀ, ସନ୍ତୋଷ ପାଣିଗ୍ରାହୀ, ପ୍ରଭାତ ପାଢ଼ୀ, ବିଦେଶୀ ନାହାକ, ନାରାୟଣ ବେହେରା, ଶିବରାମ ପ୍ରଧାନ, ମୋହନ ରାଉ ଦୋରା, ହର୍ଷ ରଞ୍ଜନ ପାଢ଼ୀ, ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ କ୍ଷ

# ହାତ ଧରି ରାମେଶ୍ୱରମ ମନ୍ଦିର ବିଷୟରେ ଜିନପିଙ୍ଗଙ୍କୁ ବୁଝାଇଲେ ମୋଦି



ନୂଆଦିଲ୍ଲୀ : ନୂଆଦିଲ୍ଲୀରେ ୧୮ତମ ଇଜଓଉଝ ଶିଖର ସମ୍ମିଳନୀ ଆଜିଠାରୁ ଆରମ୍ଭ ହୋଇଛି । ବ୍ରିକ୍ସ ସମ୍ମିଳନୀକୁ ବିଭିନ୍ନ ଦେଶର ରାଷ୍ଟ୍ରନେତାମାନେ ଆସ ଦିଲ୍ଲୀରେ ପହଞ୍ଚିଛନ୍ତି । ରୁଷ ରାଷ୍ଟ୍ରପତି, ଚୀନ ରାଷ୍ଟ୍ରପତିଙ୍କ ସହିତ ବିଶ୍ୱର ଅନେକ ପ୍ରମୁଖ ନେତା ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ରେ ଉପସ୍ଥିତ ରହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଚୀନ ରାଷ୍ଟ୍ରପତି ଜିନପିଙ୍ଗଙ୍କ ସମେତ ବିଭିନ୍ନ ବିଶ୍ୱନେତାଙ୍କୁ ଜୋରଦାର୍ ସ୍ୱାଗତ କରିଛନ୍ତି । ପ୍ରାୟ ୭ ବର୍ଷ ପରେ ଭାରତ ଆସିଥିବା ଜିନପିଙ୍ଗଙ୍କ ସହ ମୋଦି କରମର୍ଦ୍ଦନ କରି ସ୍ୱାଗତ କରିଛନ୍ତି । ଏହି ସମୟରେ ଦୁଇ ନେତା ହସୁଥିବାର ନଜର ଆସିଛନ୍ତି ।

ତାମିଲନାଡୁର ରାମେଶ୍ୱରମ ମନ୍ଦିରର କରିଡର ସମ୍ପର୍କରେ ମୋଦି ଜିନପିଙ୍ଗଙ୍କୁ ବୁଝାଇଥିଲେ । ଭିଡିଓରେ ଜିନପିଙ୍ଗ ମଧ୍ୟ ଏହାକୁ ଖୁବ୍ ଆଗ୍ରହର ସହ ଶୁଣୁଥିବା ଦେଖାଯାଇଛି । ଏହି ଆଲୋଚନା ମାଧ୍ୟମରେ ମୋଦି ଭାରତର ସଂସ୍କୃତି, ଆଧ୍ୟାତ୍ମିକତା ଓ ସ୍ଥାପତ୍ୟ କଳା ବିଷୟରେ ଜିନପିଙ୍ଗଙ୍କୁ ଅବଗତ କରାଇଥିଲେ । ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଦୁଇଦିନିଆ ଭାରତ ଗସ୍ତରେ ଆସିଛନ୍ତି । ଆଜି ସନ୍ଧ୍ୟାରେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ । ଏହି ବୈଠକରେ ସୀମା ବିବାଦ ସହିତ ବାଣିଜ୍ୟ ଓ ନିବେଶ ଭଳି ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା ହୋଇପାରେ । ଜିନପିଙ୍ଗଙ୍କ ଭାରତ ଗସ୍ତ ପୂର୍ବରୁ ଦୁଇ ଦେଶ ମଧ୍ୟରେ ଏକାଧିକ ଉଚ୍ଚସ୍ତରୀୟ ଆଲୋଚନା ହୋଇସାରିଛି ।

କେନ୍ଦ୍ରମନ୍ତ୍ରୀ ଜିତିନ ପ୍ରସାଦ ଦିଲ୍ଲୀ ବିମାନବନ୍ଦରରେ ଜିନପିଙ୍ଗଙ୍କୁ ସ୍ୱାଗତ କରିଥିଲେ । ଏହି ସମୟରେ ଉଭୟଙ୍କୁ ପରସ୍ପର ସହ ଆଲୋଚନା କରୁଥିବା ଦେଖାଯାଇଥିଲା । ଚୀନ୍ ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ବିମାନବନ୍ଦରରେ ସାଂସ୍କୃତିକ କଳାକାରମାନେ ପାରମ୍ପରିକ ନୃତ୍ୟ ମଧ୍ୟ ପରିବେଷଣ କରିଥିଲେ ।

ଭାରତ ଚଳିତ ବର୍ଷ ବ୍ରିକ୍ସର ଅଧ୍ୟକ୍ଷତା କରୁଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱର ବଡବଡ ନେତା ସାମିଲ ହେଉଛନ୍ତି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଧ୍ୟ ଭାରତ ଆସିଛନ୍ତି । ସନ୍ଧ୍ୟା ସାଢେ ୭ଟାରେ ବ୍ରିକ୍ସ ରାଷ୍ଟ୍ରାଧ୍ୟକ୍ଷଙ୍କ ଡିନର ପାର୍ଟି ହେବ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ଏଥିପାଇଁ ଭବ୍ୟ ଆୟୋଜନ କରିଛନ୍ତି ।

# ବ୍ରିକ୍ସ ୨୦୨୬: ୟୁଏଇ କ୍ରାଉନ ପ୍ରିନ୍ସଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ: ବ୍ରିକ୍ସ ସମ୍ମିଳନୀ ୨୦୨୬ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ୟୁଏଇର କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନ୍‌ଙ୍କୁ ଭେଟିଛନ୍ତି । ଉଭୟ ପକ୍ଷ ମଧ୍ୟରେ ବାଣିଜ୍ୟ କରିଡର ଓ ନିବେଶ ବିସ୍ତାରକୁ ପ୍ରୋତ୍ସାହନ ଦେବା ଉପରେ ଦ୍ୱିପାକ୍ଷିକ ଆଲୋଚନା କେନ୍ଦ୍ରିତ ହୋଇଛି । ନୂଆଦିଲ୍ଲୀ ସ୍ଥିତ ହାଇଦ୍ରାବାଦ ହାଉସଠାରେ ଅନୁଷ୍ଠିତ ବୈଠକରେ ଦୁଇ ଦେଶ ବାଣିଜ୍ୟ, ଶକ୍ତି ସୁରକ୍ଷା କ୍ଷେତ୍ରରେ ସହଭାଗୀ ସମୃଦ୍ଧି ଉପରେ ଆଲୋଚନା କରିଛନ୍ତି । ବୈଠକ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ 'ଏକ୍ସ'ରେ ଲେଖିଛନ୍ତି ଯେ, ଭାରତ-ୟୁଏଇ ସମ୍ପର୍କରେ ଗତ କିଛି ବର୍ଷ ହେଲା ପରିବର୍ତ୍ତନ ଆସିଛି । ଦୁଇ ଦେଶ ନିଜ ମହତ୍ୱାକାଂକ୍ଷାକୁ ଆହୁରି ଉଚ୍ଚ କରିଛନ୍ତି ।

ଶେଖ୍ ଖାଲେଦ ବିନ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନ୍‌ଙ୍କୁ ଭେଟି ପ୍ରତିରକ୍ଷା, ଏଆଇ, ମହାକାଶ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଶକ୍ତି, ଖାଦ୍ୟ ସୁରକ୍ଷା ଏବଂ ସଂଯୋଗୀକରଣ କ୍ଷେତ୍ରରେ ଆମର ରଣନୈତିକ ସହଭାଗୀତାକୁ ଆଗକୁ ନେବା ବିଷୟରେ ଆଲୋଚନା କରାଯାଇଛି । ନିବେଶ ସମ୍ପର୍କଠାରୁ ଆରମ୍ଭ କରି ରଣନୈତିକ ଶକ୍ତି ଭିତ୍ତିଭୂମି ଏବଂ ଆଇଏମ୍ଇସି (ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର) ସଂଯୋଗୀକରଣରେ ନୂତନ ସମ୍ଭାବନା ପର୍ଯ୍ୟନ୍ତ, ଆଗକୁ ଅପାର ସମ୍ଭାବନା ରହିଛି ବୋଲି ମୋଦୀ କହିଛନ୍ତି । ପଶ୍ଚିମ ଏସିଆର ଅନିଶ୍ଚିତତା ସମୟରେ ଭାରତ-ୟୁଏଇ ସମ୍ପର୍କ ସ୍ଥିରତା, ସମୃଦ୍ଧି ଓ ଶାନ୍ତିର ପ୍ରତୀକ । ଜାନୁଆରି ୨୦୨୪ ରେ ୟୁଏଇ ଇଜିପ୍ଟ, ଇଥିଓପିଆ, ଇରାନ ଓ ସାଉଦି ଆରବ ବ୍ରିକ୍ସର ପୂର୍ଣ୍ଣକାଳୀନ ସଦସ୍ୟ ହୋଇଥିଲେ । ଇଣ୍ଡୋନେସିଆ ଜାନୁଆରି ୨୦୨୫ ରେ ପୂର୍ଣ୍ଣ ସଦସ୍ୟ ଭାବରେ ବ୍ରିକ୍ସରେ ଯୋଗ ଦେଇଥିଲା ।

## ପାକିସ୍ତାନ ସୁରକ୍ଷାକର୍ମୀ ବଲୁଚିସ୍ତାନରେ ଶିଶୁଙ୍କ ସମେତ ୫ ଜଣଙ୍କୁ ହତ୍ୟା କରିଥିବା ଅଭିଯୋଗ

ବଲୁଚିସ୍ତାନ: ବଲୁଚିସ୍ତାନର ଖୁଜଦାର୍ ? ଜିଲ୍ଲାରେ ଦୁଇଟି ପୃଥକ୍ ? ଘଟଣାରେ ଜଣେ ୧୩ ବର୍ଷୀୟ ବାଳକଙ୍କ ସମେତ ୫ ନାଗରିକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ବଲୁଚିସ୍ତାନ ନ୍ୟାସନାଲ ପାର୍ଟି (ବିଏନ୍ ?ପି) ଏହି ହତ୍ୟା ପାଇଁ ପାକିସ୍ତାନ ସୁରକ୍ଷାବାହିନୀକୁ ଦାୟୀ କରିଥିବା ବଲୁଚିସ୍ତାନ ପୋଷ୍ଟ ପ୍ରକାଶ କରିଛି । ରାତି ପ୍ରାୟ ୧୦ଟା ସମୟରେ ୱଧ ତହସିଲର ଏକ ଆବାସିକ ଘରେ ଫ୍ରଣ୍ଟିୟର୍ କର୍ପସ୍ କର୍ମଚାରୀମାନେ ଚଢାଉ କରିବା ପରେ ଚାରି ଜଣ ଲୋକଙ୍କୁ ହତ୍ୟା କରିଥିଲେ । ଏହି ଘଟଣାରେ ଜଣେ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ହତ୍ୟାକାଣ୍ଡ ପରେ ସ୍ଥାନୀୟ ଲୋକମାନେ କ୍ୱେଟା-କରାଚୀ ହାଇୱେ ଅବରୋଧ କରି ପ୍ରତିବାଦ କରିଥିଲେ । ଫ୍ରଣ୍ଟିୟର୍ କର୍ପସ୍ ପକ୍ଷରୁ ନାଗରିକଙ୍କ ଉପରେ ଗୁଳିଚାଳନା କରାଯାଇଥିଲା ବୋଲି ଅଭିଯୋଗ କରାଯାଇଛି । ବିଏନ୍ ?ପି ପକ୍ଷରୁ ପୀଡିତଙ୍କୁ ନ୍ୟାୟ ପ୍ରଦାନ ଓ ଦାୟିତ୍ୱ ସ୍ଥାପନ ପାଇଁ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ଦାବି କରାଯାଇଛି । ବଲୁଚ୍ ୟାକଜେହତି କମିଟି ନେତା ଡକ୍ଟର ସବିହା ବଲୁଚ୍ କହିଛନ୍ତି ଯେ, ଗୁଳିଚାଳନାରେ ଅନେକ ସାଧାରଣ ନାଗରିକ ଆହତ ହୋଇଛନ୍ତି, ଯେଉଁଥିରେ ଜଣେ ସାତ ବର୍ଷର ବାଳକ ମଧ୍ୟ ସାମିଲ ଅଛନ୍ତି । ଦିନକ ପୂର୍ବରୁ ଜେହରିର ବଲବାଲ୍ ଅଞ୍ଚଳରେ ବୋମା ବିସ୍ଫୋରଣରେ ଜଣେ ୧୩ ବର୍ଷୀୟ ବାଳକଙ୍କ ମୃତ୍ୟୁ ହୋଇଥିଲା ।

## ଲଙ୍କାଗୁଣ୍ଡ ପକାଇ ଏସବିଆଇରୁ ୪.୫୩ ଲକ୍ଷ ଲୁଟ୍

ମହାରାଷ୍ଟ୍ର: ଲଙ୍କାଗୁଣ୍ଡ ପକାଇ ଏସବିଆଇରୁ ୪ ଲକ୍ଷ ୫୩ ହଜାର ଲୁଟ୍ । ଗେରୁଆ କୁର୍ତ୍ତା, ମୁହଁରେ ଧଳା କପଡ଼ା । ୩୦ ମିନିଟ୍ ରେ ଧରାପଡ଼ିଲା ଲୁଟେରା । ବ୍ୟାଙ୍କ କର୍ମଚାରୀଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ୪ ଲକ୍ଷ ୫୩ ହଜାର ଟଙ୍କା ନେଇ ଚମ୍ପଟ । ହେଲେ ମାତ୍ର ୩୦ ମିନିଟ୍ ଭିତରେ ପୋଲିସ ହାତରେ ଧରାପଡ଼ିଲା ଅଭିଯୁକ୍ତ । ମହାରାଷ୍ଟ୍ରର ନାଗପୁରରେ ଘଟିଛି ଏଭଳି ଏକ ଚାଞ୍ଚଲ୍ୟକର ଘଟଣା । ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୫ଟା । ଦକ୍ଷିଣ ନାଗପୁରର ସକ୍କରଦରା ଅଞ୍ଚଳର ଭାଣ୍ଡେ ପ୍ଲଟ୍ ରେ ଥିବା ଝଇଓ ଶାଖାର କର୍ମଚାରୀମାନେ ନିକଟସ୍ଥ ଇଞ୍ଜଗରୁ ଟଙ୍କା ନେଇ ବ୍ୟାଙ୍କକୁ ଫେରୁଥିଲେ । ଏହି ସମୟରେ ଗେରୁଆ ରଙ୍ଗର କୁର୍ତ୍ତା ପିନ୍ଧିଥିବା ଓ ଧଳା କପଡ଼ାରେ ମୁହଁ ଘୋଡ଼ାଇଥିବା ଜଣେ ଯୁବକ ଗ୍ରାହକଙ୍କ ଭିତରେ ମିଶି ରହିଥିଲା । କର୍ମଚାରୀମାନେ ଟଙ୍କା ନେଇ ଆସିବା ମାତ୍ରେ ସେ ପଛପଟୁ ନିକଟକୁ ଆସିଥିଲା । ହଠାତ୍ କର୍ମଚାରୀଙ୍କ ଆଖିକୁ ମୁଠା ମୁଠା ଲାଲ୍ ଲଙ୍କାଗୁଣ୍ଡ ଫିଙ୍ଗି ଦେଇଥିଲା । ଆଖି ଜଳିବା ସହ ବ୍ୟାଙ୍କ ଭିତରେ କିଛି ସମୟ ପାଇଁ ହଇଚଇ ସୃଷ୍ଟି ହୋଇଥିଲା । ଏହାର ସୁଯୋଗ ନେଇ ୪ ଲକ୍ଷ ୫୩ ହଜାର ଟଙ୍କା ଛଡ଼ାଇ ନେଇ ଦୌଡ଼ି ପଳାଇଥିଲା ଯୁବକ । କିନ୍ତୁ ତା'ର ଏହି ଯୋଜନା ବେଶି ସମୟ ସଫଳ ହୋଇନଥିଲା । ବ୍ୟାଙ୍କ କର୍ମଚାରୀମାନେ ତୁରନ୍ତ ପାଟି କରିବା ସହ ତାକୁ ପିଛା କରିଥିଲେ ।

## ୟୁକେ ରୟାଲ୍ ଏୟାରଫୋର୍ସ ପାଇଲଟଙ୍କୁ ତାଲିମ ଦେବେ ଭାରତୀୟ ବାୟୁସେନା ଶିକ୍ଷକ



ନୂଆଦିଲ୍ଲୀ: ଭାରତ ଓ ଯୁକ୍ତରାଜ୍ୟ (ୟୁକେ) ମଧ୍ୟରେ ପ୍ରତିରକ୍ଷା ସହଯୋଗ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପିତ ହୋଇଛି । ଭାରତୀୟ ବାୟୁସେନା (ଆଇଏଏଫ୍)ର ୩ ଜଣ ଯୋଗ୍ୟତାପ୍ରାପ୍ତ ଉଡ଼ାଣ ପ୍ରଶିକ୍ଷକ ୱେଲ୍ସସ୍ଥିତ ୟୁକେ ରୟାଲ୍ ଏୟାରଫୋର୍ସ ଭ୍ୟାଲିରେ ନିୟୋଜିତ ହୋଇଛନ୍ତି । ପ୍ରଥମ ଥର ପାଇଁ ଭାରତୀୟ ବାୟୁସେନାର ଇନଷ୍ଟ୍ରକ୍ଟରମାନେ ବ୍ରିଟେନରେ ସେଠାକାର ରୟାଲ୍ ଏୟାରଫୋର୍ସ ପାଇଲଟମାନଙ୍କୁ ତାଲିମ ଦେବେ ।

ଭାରତୀୟ ବାୟୁସେନା ପକ୍ଷରୁ ସୋସିଆଲ ମିଡିଆ ''ଏକ୍ସ''ରେ ଏହି ସୂଚନା ଦିଆଯିବା ସହ ଏହାକୁ ଦୁଇ ଦେଶର ପ୍ରତିରକ୍ଷା ସମ୍ପର୍କ, ସାମରିକ ଦକ୍ଷତା ଏବଂ ଆନ୍ତଃ-ପରିଚାଳନାଗତ ସହଯୋଗ ବୃଦ୍ଧି କ୍ଷେତ୍ରରେ ଏକ ''ଐତିହାସିକ ପ୍ରଥମ ପଦକ୍ଷେପ'' ବୋଲି ବର୍ଣ୍ଣନା କରାଯାଇଛି । ଆରଏଏଫ୍ ଭ୍ୟାଲି ହେଉଛି ବ୍ରିଟେନ୍ ବାୟୁସେନାର ଏକ ମୁଖ୍ୟ ତାଲିମ କେନ୍ଦ୍ର । ଗତବର୍ଷ ଅକ୍ଟୋବରରେ ବ୍ରିଟେନର ପ୍ରଧାନମନ୍ତ୍ରୀ କିଏର ଷ୍ଟାର୍ମରଙ୍କ ଭାରତ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା । ଏହି ବୈଠକରେ ଦୁଇ ଦେଶର ସଶସ୍ତ୍ର ବାହିନୀ ମଧ୍ୟରେ ଯୁଗ୍ମ ସାମରିକ ଅଭ୍ୟାସ, ତାଲିମ ଏବଂ କ୍ଷମତା ବୃଦ୍ଧି ପାଇଁ ସମ୍ମତି ପ୍ରକାଶ ପାଇଥିଲା । ଏହାବ୍ୟତୀତ ଭାରତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲ ଏବଂ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ମଧ୍ୟ ୟୁକେ ଜାତୀୟ ସୁରକ୍ଷା ପରାମର୍ଶଦାତା ଜୋନାଥନ ପାୱେଲଙ୍କ ସହ ଦ୍ୱିପାକ୍ଷିକ ସୁରକ୍ଷା କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା କରିସାରିଛନ୍ତି । ଏହି ପଦକ୍ଷେପ ଇଣ୍ଡୋ-ପ୍ୟାସିଫିକ୍ କ୍ଷେତ୍ରରେ ସାମୁଦ୍ରିକ ସୁରକ୍ଷା ଓ ସାମରିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ।

## ସମୁଦ୍ର ପାଣିରୁ ବାହାରିବ ମିଠା ପାଣି ! ମୁମ୍ବାଇରେ ଆସୁଛି ଡିସାଲିନେସନ୍ ପ୍ଲାଣ୍ଟ



ମୁମ୍ବାଇ: ସମୁଦ୍ର ପାଣିରୁ ବାହରିବ ମିଠା ପାଣି । ମୁମ୍ବାଇରେ ଜଳର ଚାହିଦା ଯୋଗାଣ ବଢ଼ିଚାଲିଥିବାରୁ ଏବେ ସମୁଦ୍ର ପାଣିକୁ ବ୍ୟବହାର କରିବା ପାଇଁ ଯୋଜନା କରାଯାଉଛି । ବିଶେଷ କରି ୨୦୦୯ ମସିହାରେ ଦେଖାଦେଇଥିବା ପ୍ରବଳ ଜଳାଭାବ ପରେ ମୁମ୍ବାଇର ଏହି ଡିସାଲିନେସନ୍ ବା ଲୁଣାପାଣିକୁ ମିଠାପାଣି କରିବା ପ୍ରକଳ୍ପ ବିଷୟରେ ଗମ୍ଭୀରତାର ସହ ବିଚାର କରାଯାଇଥିଲା । ମୌସୁମୀ ବର୍ଷା ଉପରେ ସହରର ନିର୍ଭରଶୀଳତାକୁ କମାଇବା ପାଇଁ ପୌରସଂସ୍ଥା ଏହି ପ୍ରସ୍ତାବ ଦେଇଥିଲେ । ସମୁଦ୍ର ପାଣିରୁ ଲୁଣ ଏବଂ ଅନ୍ୟାନ୍ୟ ଅଶୁଦ୍ଧତାକୁ ଦୂର କରି ଏହାକୁ ପିଇବା ଯୋଗ୍ୟ କରିବାର ଏକ ବୈଜ୍ଞାନିକ ପ୍ରକ୍ରିୟା । ମୁମ୍ବାଇ ଦୈନିକ ୫୦୦-୬୦୦ ମିଲିୟନ୍ ଲିଟର ଜଳ ଅଭାବକୁ ଦୂର କରିବା ପାଇଁ ଏହି ପ୍ରଯୁକ୍ତିବିଦ୍ୟା ଆପଣେଇବାକୁ ଯାଉଛି । ଏହି ପ୍ଲାଣ୍ଟରେ ଜଳ ବିଶୋଧନ ପାଇଁ ନିମ୍ନଲିଖିତ ପର୍ଯ୍ୟାୟ ଅବଲମ୍ବନ କରାଯିବ । ସମୁଦ୍ର ଜଳ ସଂଗ୍ରହ ଓ ପ୍ରାଥମିକ ଫିଲ୍ଟରିଂ ବୃହତ ପାଇପ୍ ସାହାଯ୍ୟରେ ଆରବ ସାଗରରୁ ସମୁଦ୍ର ଜଳ ପ୍ଲାଣ୍ଟକୁ ଅଣାଯିବ । ପ୍ରଥମ ପର୍ଯ୍ୟାୟରେ ଏହାକୁ ପ୍ରାଥମିକ ଫିଲ୍ଟର୍ କରାଯାଇ ବାଲି, ଶୈବାଳ, ଶାମୁକା ଏବଂ ସୂକ୍ଷ୍ମ ଜୀବମାନଙ୍କୁ ପାଣିରୁ ଅଲଗା କରାଯାଏ । ଉଚ୍ଚ ଚାପ ବିଶିଷ୍ଟ ପମ୍ପ ସାହାଯ୍ୟରେ ଫିଲ୍ଟର୍ ହୋଇଥିବା ଜଳକୁ ବିଶେଷ ପ୍ରକାରର ସୂକ୍ଷ୍ମ ମେମ୍ବ୍ରେନ୍ ମଧ୍ୟ ଦେଇ ପ୍ରବାହିତ କରାଯାଏ । ଏହି ମେମ୍ବ୍ରେନର ଛିଦ୍ରଗୁଡ଼ିକ ଏତେ ଛୋଟ ଯେ ଏହା କେବଳ ଜଳ ଅଣୁଗୁଡ଼ିକୁ ଯିବାକୁ ଦିଏ ଏବଂ ଲୁଣ ସମେତ ଅନ୍ୟାନ୍ୟ କ୍ଷତିକାରକ ଉପାଦାନକୁ ଅଟକାଇ ଦିଏ । ଏହାପରେ ମିଳୁଥିବା ଜଳ ସମ୍ପୂର୍ଣ୍ଣ ବିଶୁଦ୍ଧ ହୋଇଥାଏ । ବିଶୋଧନ ପ୍ରକ୍ରିୟା ସମୟରେ ପିଇବା ପାଣି ସହିତ ଅତ୍ୟଧିକ ଲୁଣିଆ ବା ଗାଢ଼ ଜଳ ବାହାରିଥାଏ, ଯାହାକୁ 'ବ୍ରାଇନ୍' କୁହାଯାଏ । ସାମୁଦ୍ରିକ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ଏହି ବ୍ରାଇନକୁ ସ୍ୱତନ୍ତ୍ର ଡିଫ୍ୟୁଜର୍ ସାହାଯ୍ୟରେ ଗଭୀର ସମୁଦ୍ରରେ ଏପରି ଭାବେ ଛଡ଼ାଯାଏ ଯେପରି ଏହା ଶୀଘ୍ର ମିଶିଯିବ ଏବଂ ପରିବେଶ ଉପରେ କୌଣସି ଖରାପ ପ୍ରଭାବ ପଡ଼ିବ ନାହିଁ ।

# କଳା କପଡ଼ା ତଳେ ସି ଜିନପିଙ୍ଗଙ୍କ କାର୍ 'ରେଡ୍ ଫ୍ଲାଗ୍', ହେଲେ କାହିଁକି ଲୁଚାଯାଇଛି ?



ନୂଆଦିଲ୍ଲୀ : କଳା କପଡ଼ା ତଳେ ସି ଜିନପିଙ୍ଗଙ୍କ କାର୍ ରେଡ୍ ଫ୍ଲାଗ୍ । ଦିଲ୍ଲୀରେ ଚର୍ଚ୍ଚାରେ ଚୀନ୍ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ଲିମୋଜିନ କାର୍ । ବ୍ରିକ୍ସ ନେତାଙ୍କ ଶିଖର ସମ୍ମିଳନୀ ପାଇଁ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ । ସାତ ବର୍ଷ ପରେ ସିଙ୍କ ଏହି ଭାରତ ଗସ୍ତକୁ ନେଇ ଯେତିକି ଚର୍ଚ୍ଚା, ତାଙ୍କ ସହ ଭାରତ ଆସିଥିବା ସ୍ୱତନ୍ତ୍ର ରାଷ୍ଟ୍ରପତି କାର୍ କୁ ନେଇ ମଧ୍ୟ ସେତିକି ଉତ୍ସୁକତା ।

ସି ଜିନପିଙ୍ଗଙ୍କ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ଥିବା ଐକ୍ଟଭଶକ୍ତସ ଘ୭୦୧, ଅର୍ଥାତ୍ ରେଡ୍ ଫ୍ଲାଗ୍ ଲିମୋଜିନ୍ କୁ ଦିଲ୍ଲୀରେ ଏକ କଳା ସୁରକ୍ଷା କଭର୍ ରେ ସମ୍ପୂର୍ଣ୍ଣ ଢାଙ୍କି ନିଆଯାଉଥିବା ଦେଖାଯାଇଛି । ଏହା ପରେ ପ୍ରଶ୍ନ ଉଠିଛି, ଚୀନ୍ ରାଷ୍ଟ୍ରପତିଙ୍କ କାର୍ କୁ କାହିଁକି ଏଭଳି କଳା କପଡ଼ାରେ ଲୁଚାଇ ରଖାଯାଉଛି ? ଏହା ପଛରେ କୌଣସି ପରମ୍ପରା କିମ୍ବା ସ୍ୱତନ୍ତ୍ର କୂଟନୈତିକ ସଙ୍କେତ ନାହିଁ । ଏହା ମୁଖ୍ୟତଃ ପରିବହନ ଓ ସୁରକ୍ଷା ପ୍ରୋଟୋକଲର ଏକ ଅଂଶ । ବିଦେଶ ଗସ୍ତ ସମୟରେ ରାଷ୍ଟ୍ରମୁଖ୍ୟଙ୍କ ସ୍ୱତନ୍ତ୍ର କାର୍ କୁ ସାଧାରଣତଃ ନେତାଙ୍କ ଆଗମନର କିଛି ଦିନ ପୂର୍ବରୁ କାର୍ଗୋ ବିମାନରେ ପଠାଯାଇଥାଏ ।

ବିମାନରୁ ଓହ୍ଲାଇବା, ବିମାନବନ୍ଦର ପରିସରରେ ସ୍ଥାନାନ୍ତର କରିବା କିମ୍ବା ଫ୍ଲାଟ୍ ବେଡ୍ ଟ୍ରକ୍ ରେ ନେବା ସମୟରେ ଧୂଳି, ବର୍ଷା ଓ ସାମାନ୍ୟ କ୍ଷତିରୁ ଗାଡ଼ିକୁ ବଞ୍ଚାଇବା ପାଇଁ ଏଭଳି ମୋଟା କଭର୍ ବ୍ୟବହାର କରାଯାଏ । ସେହିପରି ଅତ୍ୟନ୍ତ ସୁରକ୍ଷିତ ଓ ଗୋପନୀୟ ଡିଜାଇନ୍ ର ଏହି ଗାଡ଼ିକୁ ପରିବହନ ସମୟରେ ସାଧାରଣ ନଜରରୁ ଦୂରେଇ ରଖିବା ମଧ୍ୟ ସୁରକ୍ଷା ବ୍ୟବସ୍ଥାର ଅଂଶ । ସିଙ୍କ ପୂର୍ବ ମାଲେସିଆ ଗସ୍ତ ସମୟରେ ମଧ୍ୟ ଏଭଳି ବ୍ୟବସ୍ଥା ଦେଖାଯାଇଥିଲା । ଗାଡ଼ିଟି ରାଷ୍ଟ୍ରପତିଙ୍କ ମୋଟରକେଡ୍ ରେ ବ୍ୟବହାର ପାଇଁ ପ୍ରସ୍ତୁତ ହେବା ପରେ ଏହି କଭର୍ ହଟାଇ ଦିଆଯାଏ ।

ଆମେରିକା ରାଷ୍ଟ୍ରପତିଙ୍କ ସୁରକ୍ଷିତ ଲିମୋଜିନ୍ ଝଷର ଇରବଞ୍ଚଞ୍ଚ ଭଳି ଚୀନ୍ ରାଷ୍ଟ୍ରପତିଙ୍କ ପାଇଁ ରହିଛି ଐକ୍ଟଭଶକ୍ତସ ଘ୭୦୧ । ରିପୋର୍ଟ ଅନୁସାରେ ଏହାର ଲମ୍ବ ପ୍ରାୟ ସାଢ଼େ ୫ ମିଟର ବା ୧୮ ଫୁଟରୁ ଅଧିକ ଏବଂ ଓଜନ ୩ ଟନ୍ ରୁ ଅଧିକ । ଗାଡ଼ିରେ ହେଭି ଆର୍ମର୍ ପ୍ଲେଟିଂ, ଗୁଳି ପ୍ରତିରୋଧୀ କାଚ, ରନ୍ -ଫ୍ଲାଟ୍ ଓ ବୁଲେଟ୍ ପ୍ରତିରୋଧୀ ଟାୟାର ଭଳି ସୁରକ୍ଷା ବ୍ୟବସ୍ଥା ଥିବା କୁହାଯାଏ । ଏହା ସହ ଏୟାର୍ ଟାଇଟ୍ କ୍ୟାବିନ୍, ସ୍ୱତନ୍ତ୍ର ଲାଇଫ୍ -ସପୋର୍ଟ ବ୍ୟବସ୍ଥା ଏବଂ ସୁରକ୍ଷିତ ଯୋଗାଯୋଗ ପ୍ରଣାଳୀ ମଧ୍ୟ ରହିଛି । ଏହି ମଡେଲ୍ ସାଧାରଣ ଲୋକଙ୍କ ବିକ୍ରି ପାଇଁ ଉପଲବ୍ଧ ନୁହେଁ ।

ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଚୀନ୍ ପକ୍ଷରୁ ଘ୭୦୧ ସହ ଏକ ବ୍ୟାକ୍ ଅପ୍ କାର୍ ଏବଂ ସ୍ୱତନ୍ତ୍ର ଯୋଗାଯୋଗ ଉପକରଣ ଭାରତକୁ ଅଣାଯାଇଥିବା ରିପୋର୍ଟ ରହିଛି । ତେବେ ଭାରତୀୟ ନିୟମ ଓ ସୁରକ୍ଷା ପ୍ରୋଟୋକଲ ଅନୁଯାୟୀ କେତେକ ସାଟେଲାଇଟ୍ ଯୋଗାଯୋଗ ଉପକରଣ ଓ ଅସ୍ତ୍ର ଉପରେ କଟକଣା ରହିଥିବା କୁହାଯାଇଛି ।

ଅନ୍ୟପଟେ ବ୍ରିକ୍ସ ସମ୍ମିଳନୀ ପାଇଁ ଆସିଥିବା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ମଧ୍ୟ ନିଜର ଅତ୍ୟାଧୁନିକ ସୁରକ୍ଷିତ ଇଙ୍କଞ୍ଚଙ୍କଞ୍ଚ ଝରଭବଞ୍ଚ କାର୍ ବ୍ୟବହାର କରୁଛନ୍ତି । ତେଣୁ ଦିଲ୍ଲୀ ରାସ୍ତାରେ କଳା କଭର୍ ତଳେ ଦେଖାଯାଇଥିବା ସି ଜିନପିଙ୍ଗଙ୍କ 'ରେଡ୍ ଫ୍ଲାଗ୍' ପଛରେ କୌଣସି ରହସ୍ୟମୟ କାରଣ ନାହିଁ । ଏହା ରାଷ୍ଟ୍ରପତିଙ୍କ ଅତ୍ୟନ୍ତ ସୁରକ୍ଷିତ ଗାଡ଼ିକୁ ମୋଟରକେଡ୍ ରେ ସାମିଲ କରିବା ପୂର୍ବର ପରିବହନ ଓ ସୁରକ୍ଷାପ୍ରକ୍ରିୟା ।

# ଟ୍ରଫି ଟକ୍କରରେ ଲଢିବେ ଭାରତ-ଶ୍ରୀଲଙ୍କା





**ନୂଆଦିଲ୍ଲୀ,୧୨।୯ :** ଚଳିତ ମହିଳା ଟି-ଟ୍ୱେଣ୍ଟି ଏସିଆ କପର ଦ୍ୱିତୀୟ ସେମି ଫାଇନାଲ୍‌ରେ ପାକିସ୍ତାନକୁ ୪ ଓ୍ୱିକେଟରେ ହରାଇ ଡିଫେଣ୍ଡିଂ ଚାମ୍ପିଅନ୍ ଶ୍ରୀଲଙ୍କା ଫାଇନାଲ୍‌ରେ ପ୍ରବେଶ କରିଛି। ଆସନ୍ତା ରବିବାର ୭ ଥର ଚାମ୍ପିଅନ୍ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଫାଇନାଲ୍ ଖେଳାଯିବ । ଗତ ସଂସ୍କରଣରେ ଉଭୟ ଦଳ ଫାଇନାଲ୍‌ରେ ପରସ୍ପରକୁ ଭେଟିଥିଲେ। ଶ୍ରୀଲଙ୍କା ୮ ଓ୍ୱିକେଟ୍‌ରେ ବିଜୟୀ ହୋଇ ପ୍ରଥମ ଥର ଏସିଆ କପ୍ ଚାମ୍ପିଅନ୍ ହୋଇଥିଲା। ଶୁକ୍ରବାର ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୫/୧୩୦ରନ୍ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ୮ଟି ବଲ୍ ବାକି ଥାଇ ୬ ଓ୍ୱିକେଟ୍ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା । ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ଶ୍ରୀଲଙ୍କା-ଭାରତ ଫାଇନାଲ୍ ଶ୍ରୀଲଙ୍କା ପାଇଁ ଫଳପ୍ରଦ ରହିଥିଲା। ବୋଲରମାନେ ଶୃଙ୍ଖଳିତ ବୋଲିଂ କରି ୨୯ ରନ୍ ମଧ୍ୟରେ ପାକିସ୍ତାନର ଓପନିଂ ଯୋଡିଙ୍କୁ ପାଭିଲିୟନ ପଠାଇଥିଲେ। ମୁନିବା ଅଲି ୨ ଓ ଏସ୍. ଜୁଲଫିକର ୧୬ବଲ୍‌ରେ ୨୪ (୨ଚୌକା, ୨ଛକା) ରନ୍ କରି ଆଉଟ୍ ହୋଇଥିଲେ । ପାକିସ୍ତାନକୁ ୪ ଓ୍ୱିକେଟ୍‌ରେ ହରାଇଲା ଶ୍ରୀଲଙ୍କା ଏହାପରେ ଦଳ ସହଳ ଆଉ ୨ଟି ଓ୍ୱିକେଟ୍ ହରାଇଥିଲା । ଆୟେଶା ଜାଫର ୭ ଓ ସଦାଫ୍ ଶମାସ ୮ରନ୍ କରି ବିଦାୟ ନେଇଥିଲେ । ଅଧିନାୟିକା ଫାତିମା ସାନା କ୍ରିଜ୍‌ରେ ଯୋଗଦେଇ ପ୍ରଥମ ଓ୍ୱିକେଟର ପତନ ପରେ ବ୍ୟାଟିଂ କରିବାକୁ ଆସିଥିବା ଗୁଲ ସହ ଫିରୋଜାଙ୍କ ସହ ମିଶି ସ୍କୋରକୁ ୯୨ରେ ପହଞ୍ଚାଇଥିଲେ। ଫିରୋଜା ୨୧ରନ୍ ଆଉଟ୍ ହୋଇଥିଲେ। ମାତ୍ର ସାନା ୩୬ବଲ୍‌ରେ ଅପରାଜିତ ୪୭ (୪ଚୌକା, ୨ଛକା) ରନ୍ ଯୋଗ ପଡିଲେ ଅନୁ, ଶାହାନବାଜ କରିବା ଫଳରେ ଦଳୀୟ ସ୍କୋର ୫/୧୩୦ରେ ପହଞ୍ଚିଥିଲା । ଅନ୍ୟ ବ୍ୟାଟର ଟୁବା ହାସାନ ୧୨ରନ୍ କରି ଅପରାଜିତ ଥିଲେ । ଶ୍ରୀଲଙ୍କା ପକ୍ଷରୁ ଚାମରି ଆଟାପଟୁ ଓ ଚାମୁଡି ପ୍ରବୋଡା ୨ଟି ଲେଖାଏଁ ଓ୍ୱିକେଟ୍ ନେଇଥିଲେ। ୧୩୧ରନ୍ ବିଜୟ ଲକ୍ଷ୍ୟର ପିଛା କରି ଶ୍ରୀଲଙ୍କା ୩୩ରନ୍ ମଧ୍ୟରେ ୪ଟି ଓ୍ୱିକେଟ୍ ହରାଇ ସଂକଟରେ ପଡିଥିଲା । ଚାମରି ଆଟାପଟୁ ୫, ସଞ୍ଜନା କବିନ୍ଦି ୦, ହାସିନି ପେରେରା ୩ ଓ ଇମେଶା ଦୁଲାନି ୨୪ରନ୍ କରି ଆଉଟ୍ ହୋଇଥିଲେ।

# ୧୩ ବର୍ଷ ପରେ ଇଷ୍ଟଜୋନ୍‌ଙ୍କୁ ଦୁଲୀପ ଟ୍ରଫି

**ନୂଆଦିଲ୍ଲୀ,୧୨।୯ :** ଇଶାନ କିଷନଙ୍କ ନେତୃତ୍ୱରେ ପୂର୍ବାଞ୍ଚଳ ଦୀର୍ଘ ୧୩ ବର୍ଷ ପରେ ଦୁଲୀପ ଟ୍ରଫି ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ସମ୍ପୂର୍ଣ୍ଣ ୫ ଦିନ ଧରି ଦଳ ଆଧିପତ୍ୟ ଜାରି ରଖି ଟ୍ରଫି ନିଶ୍ଚିତ କରିଥିଲା। ଅନ୍ତିମ ଦିବସରେ ମୋଟ୍ ୪୮.୨ ଓଭର ଖେଳ ହୋଇଥିଲା। ପୂର୍ବାଞ୍ଚଳ ୭/୩୮୮ ରନ କରି ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଦକ୍ଷିଣାଞ୍ଚଳ ସମ୍ମୁଖରେ ମୋଟ୍ ୭୬୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ପୂର୍ବାଞ୍ଚଳ । ଗୋଟିଏ ମାତ୍ର ଅଧିବେଶନ ମଧ୍ୟରେ ମ୍ୟାଚର ଫଳାଫଳ ବାହାରିବା ସମ୍ଭବ ନଥିବାରୁ ଉଭୟ ଦଳର ନିଷ୍ପତ୍ତି କ୍ରମେ ଅନ୍ତିମ ଦିବସ ଘୋଷଣା କରାଯାଇଥିଲା। ଦକ୍ଷିଣାଞ୍ଚଳ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିନଥିଲା। ପ୍ରଥମ ଇନିଂସରେ ୨୭୦ ଓ ଦ୍ୱିତୀୟ ଇନିଂସ ୮୦ ରନ୍‌ର ଇନିଂସ ଖେଳିଥିବା ଇଶାନ କିଷନ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ସେ ୫ଟି ଇନିଂସରେ ମୋଟ୍ ୪୦୯ ରନ ସଂଗ୍ରହ କରିଥିଲେ। ସେହିପରି ୨ଟି ମ୍ୟାଚରେ ଗୋଟିଏ ଶତକ ଓ ୨ଟି ଅର୍ଦ୍ଧଶତକ ବଳରେ ମୋଟ୍ ୨୬୬ ରନ ସଂଗ୍ରହ କରିଥିବା ଦକ୍ଷିଣାଞ୍ଚଳ ଅଧିନାୟକ ତିଳକ ବର୍ମାଙ୍କୁ ପ୍ଲେୟାର ଅଫ ଦ ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ତିମ ଦିବସରେ ପୂର୍ବାଞ୍ଚଳ ଅସମାପ୍ତ ଦ୍ୱିତୀୟ ଇନିଂସ ୫/୨୧୨ ରନ୍ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନରୁ ଅପରାଜିତ ଥିବା ମହମ୍ମଦ କୁରେଶି ଓ କୁମାର କୁଶାଗ୍ର ସତର୍କତାର ସହ ବ୍ୟାଟିଂ କରିଥିଲେ। ଦଳୀୟ ସ୍କୋର ୨୩୮ ବେଳେ କୁଶାଗ୍ର ବ୍ୟକ୍ତିଗତ ୪୬ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଅନୁକୂଳ ରୟ ଓ କୁରେଶ ମିଶି ଆଉ ଏକ ବିଶାଳ ଭାଗିଦାରୀ ଗଠନ କରିଥିଲେ।



# ଭୋ-ଭୋ ହୋଇ କାନ୍ଦିଲେ ଫାତିମା

**ନୂଆଦିଲ୍ଲୀ,୧୨।୯ :** ଚଳିତ ମହିଳା ଟି-ଟ୍ୱେଣ୍ଟି ଏସିଆ କପର ଦ୍ୱିତୀୟ ସେମି ଫାଇନାଲ୍‌ରେ ପାକିସ୍ତାନକୁ ୪ ଓ୍ୱିକେଟରେ ହରାଇ ଡିଫେଣ୍ଡିଂ ଚାମ୍ପିଅନ୍ ଶ୍ରୀଲଙ୍କା




ଫାଇନାଲ୍‌ରେ ପ୍ରବେଶ କରିଛି। ଏହି ପରାଜୟ ପାକିସ୍ତାନ କ୍ୟାପ୍‌ଟେନ୍ ଫାତିମା ସନାଙ୍କ ପାଇଁ ଯନ୍ତ୍ରଣାଦାୟକ ଥିଲା। ଦଳକୁ ଫାଇନାଲରେ ପହଞ୍ଚାଇବା ପାଇଁ ଫାତିମା ଉଭୟ ବ୍ୟାଟ୍ ଏବଂ ବଲ୍ ସହିତ ତାଙ୍କର ସବୁକିଛି ଦେଇଥିଲେ, କିନ୍ତୁ ତାଙ୍କର ପ୍ରୟାସ ଶେଷରେ ଅସଫଳ ଥିଲା। ସେପ୍ଟେମ୍ବର ୧୧ ତାରିଖ ଶୁକ୍ରବାର ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଶ୍ରୀଲଙ୍କା ପାକିସ୍ତାନକୁ ୪ ଓ୍ୱିକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ମ୍ୟାଚ୍ ଶେଷ ହେବା ପରେ ଫାତିମା ନିଜକୁ ଅଟକାଇ ପାରିନଥିଲେ। ତାଙ୍କ ଆଖିରୁ ଲୁହ ଝରି ଆସିଥିଲା। କ୍ୟାମେରାରେ ଏହି ସମୟର ଭିଡ଼ିଓ କଏଦ ହୋଇଥିଲା। ଏହି ମ୍ୟାଚରେ ଫାତିମା ସାନା ଅପରାଜିତ ଇନିଂସ ଖେଳି ୪୭ ରନ୍ ର ଅପରାଜିତ ୪ ଓ୍ୱିକେଟ୍ ନେଇଥିଲେ ଏବଂ 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। କିନ୍ତୁ ଏହି ସଫଳତା ତାଙ୍କ ପରାଜୟର ଯନ୍ତ୍ରଣାକୁ କମ କରିପାରିନଥିଲା । ଭାରତ ବିପକ୍ଷ ମ୍ୟାଚରେ ବି ଫାତିମା ନେତୃତ୍ୱ ନେଇ ଖେଳିଥିଲେ । ୩ଟି ଓ୍ୱିକେଟ୍ ନେଇଥିଲେ । କିନ୍ତୁ ଭାରତ ପାକିସ୍ତାନକୁ ମାତ୍ ଦେଇଥିଲା । ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ସରିବା ପରେ ଫାତିମା ତାଙ୍କ ଲୁହକୁ ନିୟନ୍ତ୍ରଣ କରିପାରିନଥିଲେ।

# ସୁପ୍ରିୟାଙ୍କ ହ୍ୟାଟ୍ରିକ୍, ଦକ୍ଷିଣ କୋରିଆକୁ ୫-୧ରେ ମାତ ଦେଲା ଭାରତ

**ଭୁବନେଶ୍ୱର,୧୨।୯ :** କମାଲ କରିଛନ୍ତି ଡ୍ରାଗ ଫ୍ଲିକ ସ୍ପେଶାଲିଷ୍ଟ ସୁପ୍ରିୟା କୁଜୁର। ଭାରତକୁ ଫାଇନାଲରେ ପହଞ୍ଚାଇଛନ୍ତି ଓଡିଆ ଝିଅ ସୁପ୍ରିୟା। ଜୁନିୟର ଏସିଆ କପ ସେମିରେ ସୁପ୍ରିୟାଙ୍କ ଷ୍ଟିକରୁ ଦେଖିବାକୁ ମିଳିଛି ହ୍ୟାଟ୍ରିକ। ସୁପ୍ରିୟାଙ୍କ ହ୍ୟାଟ୍ରିକ ଯୋଗୁ ସେମି ଫାଇନାଲରେ ଦକ୍ଷିଣ କୋରିଆକୁ ୫-୧ରେ ହରାଇ ଦେଇଛି ଭାରତ। ଏହି ବିଜୟ ସହ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଜୁନିୟର ମହିଳା ହକି ଟିମ ପୁଣି ଟ୍ରଫି ଟକ୍କର ପାଇଁ ଟିକେଟ ହାସଲ କରିଛି। ସୁପ୍ରିୟା ୩ଟି ଗୋଲ ଦେଇଥିବା ବେଳେ ମଧୁ ସିଦାର ଓ ସୁଖବୀର କୌର ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି। ସେମିରେ ଦମଦାର ପ୍ରଦର୍ଶନ ପାଇଁ ଓଡିଆ ଝିଅ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମଧ୍ୟ ଜିତିଛନ୍ତି। ଭାରତୀୟ ମହିଳା ହକି ଟିମ ପୂର୍ବରୁ ପୁରୁଷ ଟିମ ମଧ୍ୟ ଜୁନିୟର ଏସିଆ କପ ଫାଇନାଲରେ ପ୍ରବେଶ କରିଥିଲା। ଦିନକ ତଳେ ମାଲେସିୟାକୁ ୩-୧ରେ ହରାଇ ପୁରୁଷ ଟିମ ଏହି ସଫଳତା ପାଇଥିଲା। ପୁରୁଷ ଟିମ ପାଇଁ ମଧ୍ୟ ଓଡିଆ ପୁଅ ତଥା ଅଧିନାୟକ ଅନମୋଲ ଏକ୍କା କମାଲ କରିଥିଲେ। ସେ ଡବଲ ଗୋଲ ଦେବାରୁ ଭାରତ ଫାଇନାଲରେ ପହଞ୍ଚିଥିଲା। ଏବେ ମହିଳା ଟିମରେ ଥିବା ଓଡିଆ ଝିଅ ସୁପ୍ରିୟାଙ୍କ ହ୍ୟାଟ୍ରିକ ଦେଖିବାକୁ ମିଳିଛି। ଚାଇନାରେ ଚାଲିଥିବା ଜୁନିୟର ଏସିଆ କପର ପ୍ରଥମେ ସେମି ଫାଇନାଲରେ ଆଜି ଭାରତ ଓ ଦକ୍ଷିଣ କୋରିଆ ମହିଳା ହକି ଟିମ ମଧ୍ୟରେ କଡା ଟକ୍କର ହୋଇଥିଲା।




ପ୍ରଥମ ୧୦ ମିନିଟ୍ ଉଭୟ ଦଳ ପରସ୍ପର ଉପରେ ଆଟାକ କରିଥିଲେ। ହେଲେ ୧୩ତମ ମିନିଟରେ ଭାରତ ନୀରବତା ଭାଙ୍ଗିଥିଲା। ମଧୁ ସିଦାର ଫିଲ୍ଡ ଗୋଲ ଜରିଆରେ ଭାରତକୁ ୧-୦ରେ ଆଗୁଆ କରି ଦେଇଥିଲେ। ଏହି ଗୋଲ ଭାରତୀୟ ଖେଳାଳିଙ୍କ ମନରେ ଉତ୍ସାହ ଭରିଥିଲା। ଦ୍ୱିତୀୟ କ୍ୱାର୍ଟର ଭାରତ ସମାନ ଜୋଶରେ ଆରମ୍ଭ କରିଥିଲା। କୋରିଆ ସର୍କଲରେ ଭାରତ ଘନଘନ ଆକ୍ରମଣ କରି ୧୭ତମ ମିନିଟରେ ହାସଲ କରିଥିବା ପେନାଲ୍ଟି କର୍ଣ୍ଣର। ଏହାକୁ ସୁପ୍ରିୟା ଗୋଲରେ ପରିଣତ କରି ସ୍ଥିତି ୨-୦ କରିଥିଲେ। ୨-୦ରେ ଭାରତ ଆଗରେ ଥିଲେ ହେଁ ବଲ ଉପରୁ ନିୟନ୍ତ୍ରଣ ହରାଇ ନଥିଲା। ଆଟାକ ମଧ୍ୟ ଜାରି ରଖିଥିଲା। ୨୧ତମ ମିନିଟରେ ଗୋଟିଏ ସୁନ୍ଦର ଏରିଆଲ ପାସ୍‌କୁ କୋରିଆର ୨୩ ମିଟର ଅଞ୍ଚଳ ଭିତରେ ରିସିଭ କରିଥିଲେ ସୁଖବୀର କୌର। ଆଉ ଏହାକୁ ସେ ଗୋଲରେ ପରିଣତ କରି ଭାରତକୁ ୩-୦ରେ ଆଗୁଆ କରି ଦେଇଥିଲେ। ହାଫ ଟାଇମ ପୂର୍ବରୁ କୋରିଆ କିଛି ସୁଯୋଗ ସୃଷ୍ଟି କରିଥିଲା। ହେଲେ ଭାରତୀୟ ଡିଫେନ୍ସ ବିଭାଗ ଏହାକୁ ପଣ୍ଡ କରି ଦେଇଥିଲା। ଭାରତ ୩-୦ ଲିଡ ସହ ହାଫ ଟାଇମ ଅଭିଯାନ ଶେଷ କରିଥିଲା। ବ୍ରେକ ପରେ ଭାରତ ୩୩ତମ ମିନଟରେ ଆଉ ଗୋଟିଏ ଗୋଲ ସ୍କୋର କରିଥିଲେ। ପିସିକୁ ସୁପ୍ରିୟା ଗୋଲରେ ପରିଣତ କରିଥିଲେ। ୦-୪ ପଛରେ ଥାଇ ସଂଘର୍ଷ କରୁଥିବା କୋରିଆ ହାର ନ ମାନି ଗୋଲ କରିବାର ସବୁ ବିକଳ୍ପ ଆପଣାଇଥିଲେ। ଶେଷରେ ଦଳକୁ ୪୧ତମ ମିନିଟରେ ମିଳିଥିଲା ସଫଳତା। ୟୁରି ଜେଓଙ୍ଗ ଗୋଲ କରି ସ୍ଥିତି ୪-୧ କରିଥିଲେ। କୋରିଆ କମବ୍ୟାକ ଆଶାରେ ଥିବା ବେଳେ ଶେଷ କ୍ୱାର୍ଟରରେ ଭାରତ ନିଜର ଶୃଙ୍ଖଳା ପ୍ରଦର୍ଶନ କରିଥିଲା। କୋରିଆ ଖେଳାଳି ଯେମିତି ସର୍କଲରେ ପ୍ରବେଶ କରିପାରିବେ ନାହିଁ, ତା'କୁ ଡିଫେଣ୍ଡରମାନେ ନିଶ୍ଚିତ କରିଥିଲେ। ଏଥିସହ ଭାରତ ମଧ୍ୟ ମଝିମଝିରେ ଆଟାକ କରୁଥିଲେ। ୫୬ତମ ମିନିଟରେ ଭାରତକୁ ମିଳିଥିଲା ଆଉ ଏକ ପିସି। ଏହାକୁ ଓଡିଶାର ସୁପ୍ରିୟା ପୁଣି ଗୋଲରେ ପରିଣତ କରି ଦେଇଥିଲେ।

# ପାକିସ୍ତାନକୁ ୩-୦ରେ ସିରିଜ ହରାଇଲା ଇଂଲଣ୍ଡ

**ଲଣ୍ଡନ,୧୨।୯ :** ଇଂଲଣ୍ଡରେ ମାଟି କାମୁଡିଛି ପାକିସ୍ତାନ। ପ୍ରଥମ ଦୁଇଟି ଟେଷ୍ଟ ଭଳି ତୃତୀୟ ମ୍ୟାଚ୍‌ରେ ବି ହାରିଛି ବାବର ଆଜମଙ୍କ ପାକିସ୍ତାନ। ପ୍ରଥମ ଦୁଇଟି ଟେଷ୍ଟରେ ପାକିସ୍ତାନ ଏକପ୍ରକାରର ଆତ୍ମସମର୍ପଣ କରିଥିଲା। ତୃତୀୟ ଟେଷ୍ଟରେ ଦଳ କିଛିଟା ଫାଇଟ ବ୍ୟାକ କରିଥିଲେ ହେଁ ନିଜ ଭାଗ୍ୟ ବଦଳାଇ ପାରି ନାହିଁ। ଇଂଲଣ୍ଡ ତୃତୀୟ ଟେଷ୍ଟକୁ ୮ ଓ୍ୱିକେଟରେ ଜିତି ସିରିଜ ମୂଳପୋଛ କରିଛି। ଇଂଲଣ୍ଡ ଗସ୍ତରେ ଥିବା ପାକିସ୍ତାନ ପ୍ରଥମ ୨ଟି ଟେଷ୍ଟର ୪ଟି ଇନିଂସରେ ୨୦୦ ରନ ବି କରି ପାରି ନଥିଲା। ତୃତୀୟ ଟେଷ୍ଟର ପ୍ରଥମ ଇନିଂସରେ କେବଳ ୧୩୩ ରନ କରିଥିଲା। ହେଲେ ଦ୍ୱିତୀୟ ଇନିଂସରେ ପାକିସ୍ତାନ ଲଢ଼େଇ କରିଥିଲା। ଇଂଲଣ୍ଡ ମାଟିରେ ୪୪୯ ରନ କରିବାକୁ ସକ୍ଷମ ହୋଇଥିଲା। କିନ୍ତୁ ପ୍ରଥମ ଇନିଂସ ବିପର୍ଯ୍ୟୟ କାରଣରୁ ପାକିସ୍ତାନ କେବଳ ୧୩୦ ରନର ବିଜୟ ଲକ୍ଷ୍ୟ ଇଂଲଣ୍ଡ ଆଗରେ ରଖିଥିଲା। ଏହାକୁ ଘରୋଇ ଟିମ ୨ ଓ୍ୱିକେଟ ହରାଇ ହାସଲ କରି ନେଇଛି। ଏଥିସହ ୪ ଦିନରେ ତୃତୀୟ ଟେଷ୍ଟକୁ ଜିତି ଟ୍ରଫି କବଜା କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ପାକିସ୍ତାନ ପାଇଁ ତୃତୀୟ ଟେଷ୍ଟରେ ୩ ଜଣ ଖେଳାଳି ଡେବ୍ୟୁ କରିଥିଲେ। କିନ୍ତୁ ଦଳ ପ୍ରଥମ ଇନିଂସରେ କେବଳ ୧୩୩ ରନ କରିପାରିଥିଲା। ଏହାର ଜବାବରେ ଇଂଲଣ୍ଡ ବିଶାଳ ୪୫୩ ରନ କରିଥିଲା। ଇମିଲୋ ଗେ ୬୦, ହ୍ୟାରୀ ବ୍ରୁକ ୭୫, ଡାନ ଲାଉରେନ୍ସ ୬୫, ଜାମି ସ୍ମିଥ ୬୯ ଓ ଓଲି ରବିନସନ ୫୦ ରନର ଇନିଂସ ଖେଳିଥିଲେ। ବୋଲିଂରେ ପାକିସ୍ତାନ ପାଇଁ ଡେବ୍ୟୁଟାଣ୍ଟ ରଜଉଲ୍ଲା ସର୍ବାଧିକ ୪ ଓ୍ୱିକେଟ ହାସଲ କରିଥିଲେ। ପ୍ରଥମ ଇନିଂସରେ



୩୨୦ ରନ ପଛରେ ରହିଥିବା ପାକିସ୍ତାନ ପୁଣି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସୈମ ଆୟୁବ ଓ ଅବଦୁଲ୍ଲା ଶଫିକ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। କିନ୍ତୁ ଅଜାନ ଅୱିସ(୫୯) ଓ ଶାନ ମସୁଦ(୯୫) ଦମଦାର ବ୍ୟାଟିଂ କରିଥିଲେ। ଉଭୟ ତୃତୀୟ ଓ୍ୱିକେଟ ପାଇଁ ୧୨୫ ରନ ଯୋଡିଥିଲେ। ଏହାପରେ ଅଧିନାୟକ ବାବର ଆଜମ ମଧ୍ୟ ନିଜ ଅଭିଜ୍ଞତାକୁ ବ୍ୟବହାର କରି ୭୬ ରନର ଇନିଂସ ଖେଳିଥିଲେ। ଡେବ୍ୟୁଟାଣ୍ଟ ରଜାଉଲ୍ଲା ଦ୍ରୁତ ୮୧ ରନ ଯୋଡିବାରୁ ପାକିସ୍ତାନ ଦ୍ୱିତୀୟ ଇନିଂସରେ ୪୪୯ ରନ କରିବାକୁ ସକ୍ଷମ ହୋଇଥିଲା। ପ୍ରଥମଥର ପାଇଁ ଇଂଲଣ୍ଡ ଗସ୍ତରେ ଦଳ ୨୦୦ ରନର ସୀମାକୁ ଅତିକ୍ରମ କରିଥିଲା। ହେଲେ ୪୪୯ରୁ ପାକିସ୍ତାନ ପ୍ରଥମ ଇନିଂସ ବିପର୍ଯ୍ୟୟ ଯୋଗୁ ୩୨୦ ରନ ଇଂଲଣ୍ଡକୁ ସୁଝିଥିଲା। ଏଥିଯୋଗୁ ଇଂଲଣ୍ଡ କେବଳ ୧୩୦ ରନର ଟାର୍ଗେଟ ପାଇଥିଲା। ପାକିସ୍ତାନ ପାଇଁ ମହମ୍ମଦ ଆବାସ ବଲରେ ଦମଦାର ଆରମ୍ଭ କରିଥିଲେ। ପ୍ରଥମ ଓଭରରେ ହିଁ ସେ ବେନ ଡକେଟ ଓ ଇମିଲୋଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରି ଦେଇଥିଲେ। ଏତିକି ବେଳେ ଅଧିନାୟକ ଜୋ ରୁଟ ଓ ଜୋର୍ଡାନ କକ୍ସ ସ୍ଥିତି ସମ୍ଭାଳିଥିଲେ। ଦଳୀୟ ସ୍କୋର ୨ ଥିବା ବେଳେ ଉଭୟ ବ୍ୟାଟିଂ କରିଥିଲେ। ଆଉ ଶେଷରେ ବିଜୟ ମୁଣ୍ଡି ପାରି ପ୍ୟାଭିଲିୟନ ଫେରିଛନ୍ତି। ରୁଟ ୬୨ ଓ କକ୍ସ ୫୯ ରନର ଇନିଂସ ଖେଳିଛନ୍ତି। ପ୍ରଥମ ଇନିଂସରେ ୬୫ ରନ ସହ ଦ୍ୱିତୀୟ ଇନିଂସରେ ୨ଟି ଓ୍ୱିକେଟ ନେଇଥିବା ଲାଉରେନ୍ସଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି। ସେହିପରି ୩ଟି ଯାକ ମ୍ୟାଚ୍‌ରେ ୫୮ ରନ ଓ ୨୧ ଓ୍ୱିକେଟ ନେଇଥିବା ଓଲି ରବିନସନ ଇଂଲଣ୍ଡ ପକ୍ଷରୁ ସିରିଜର ଶ୍ରେଷ୍ଠ ଖେଳାଳି ହୋଇଛନ୍ତି।

# ସିନିଆକୋଭା-ଟାଉନସେଣ୍ଡଙ୍କ କ୍ୟାରିୟର ସ୍ଲାମ

**ଓ୍ୱାଶିଂଟନ,୧୨।୯ :** ଚେକ୍ ଗଣରାଜ୍ୟର କାଟେରିନା ସିନିଆକୋଭା ଓ ଆମେରିକାର ଟେଲର ଟାଉନସେଣ୍ଡ ମହିଳା ଡବଲ୍ସରେ ୟୁଏସ୍ ଓପନ୍ ଚାମ୍ପିଅନ୍ ହୋଇ ଇତିହାସ ରଚିଛନ୍ତି। ଏହି ଶୀର୍ଷ ସିଡ୍ ଯୋଡ଼ି ଶୁକ୍ରବାର ଫାଇନାଲରେ ଆମେରିକାର ଓ୍ୱାଇଲ୍ଡକାର୍ଡ ଯୋଡ଼ି ଆଶ୍ଲିନ୍ କ୍ରୁଗର ଓ ରବିନ୍ ମଣ୍ଟଗୋମେରୀଙ୍କୁ ୫-୭, ୬-୦, ୬-୨ ସେଟ୍‌?ରେ ପରାସ୍ତ କରିଛନ୍ତି। ଏହି ବିଜୟ ସହ ସିନିଆକୋଭା-ଟାଉନସେଣ୍ଡ ଯୋଡ଼ି




କ୍ୟାରିୟରସ୍ଲାମ୍ ପୂରଣ କରିଛନ୍ତି। ଏହାସହିତ ସିନିଆକୋଭା ମଧ୍ୟ ଏକ ବିରଳ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ଦୁଇ ଭିନ୍ନ ସହଯୋଗୀଙ୍କ ସହ କ୍ୟାରିୟର ଗ୍ରାଣ୍ଡସ୍ଲାମ୍ ପୂରଣ କରିବାରେ ସେ ପ୍ରଥମ ଖେଳାଳି ହୋଇଛନ୍ତି। ପୂର୍ବରୁ ସେ ନିଜ ଦେଶର ବାର୍ବୋରା କ୍ରେଜିକୋଭାଙ୍କ ସହ ମଧ୍ୟ ଏହି ସଫଳତା ହାସଲ କରିଥିଲେ। ଏହା ହେଉଛି ସିନିଆକୋଭାଙ୍କ କ୍ୟାରିୟରର ଦ୍ୱାଦଶ ଗ୍ରାଣ୍ଡସ୍ଲାମ୍ ଯୁଗଳ ଟାଇଟଲ୍। ସିନିଆକୋଭା ଓ ଟାଉନସେଣ୍ଡ ୨୦୨୪ରେ ଓ୍ୱିମ୍ବଲଡନ୍, ୨୦୨୫ରେ ଅଷ୍ଟ୍ରେଲିଆନ୍ ଓପନ୍ ଏବଂ ଚଳିତ ବର୍ଷ ଫ୍ରେଞ୍ଚ ଓପନ୍ ଜିତିଥିଲେ। ଏବେ ୟୁଏସ୍ ଓପନ୍ ଟ୍ରଫି ହାତେଇ ଏହି ଯୋଡ଼ି ନିଜ ଦଳୀୟ କ୍ୟାରିୟର ଗ୍ରାଣ୍ଡସ୍ଲାମ୍ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି।

# ଏନ୍‌ବିବିଏଲ୍‌ର ବ୍ୟାଙ୍କିଂ କନେକ୍ଟ ସୁବିଧା

**କଟକ,୧୨।୯ :** ଭାରତୀୟ ଜାତୀୟ ପେମେଣ୍ଟ ନିଗମ ର ସମ୍ପୂର୍ଣ୍ଣ ମାଲିକାନାଧୀନ ସହାୟକ କମ୍ପାନୀ ଏନପିସିଆଇ ଭାରତ ବିଲପେ ଲିମିଟେଡ୍ ବ୍ୟାଙ୍କିଂ କନେକ୍ଟରେ ମ୍ୟାଣ୍ଡେଟ୍ ଏବଂ ଲିଏନ୍ ମାର୍କିଂ ସହିତ ଆକାଉଣ୍ଟ ଭେରିଫିକେସନ୍, ଯାହାକୁ ଥାର୍ଡ-ପାର୍ଟି ଭ୍ୟାଲିଡେସନ୍ ମଧ୍ୟ କୁହାଯାଏ, ଆରମ୍ଭ କରିବା ନେଇ ଘୋଷଣା କରିଛି। ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ ୨୦୨୬ରେ ଏହି ଶୁଭାରମ୍ଭ କରାଯାଇଥିଲା, ଯାହାଦ୍ୱାରା ବର୍ତ୍ତମାନର ବ୍ୟାଙ୍କିଂ କନେକ୍ଟ ପ୍ଲାଟଫର୍ମର କ୍ଷମତାକୁ ଆହୁରି ବିସ୍ତାର କରାଯାଇଛି। ବ୍ୟାଙ୍କିଂ କନେକ୍ଟରେ ମ୍ୟାଣ୍ଡେଟ୍ ବ୍ୟାଙ୍କିଂ କନେକ୍ଟରେ ମ୍ୟାଣ୍ଡେଟ୍ ସୁବିଧା ଗ୍ରାହକମାନଙ୍କୁ ସହମତ ହୋଇଥିବା ସର୍ତ୍ତ ଅନୁଯାୟୀ ଜଣେ ମର୍ଚ୍ଚାଣ୍ଟଙ୍କୁ ପେମେଣ୍ଟ କରିବା ପାଇଁ ନିଜ ବ୍ୟାଙ୍କକୁ ସ୍ଥାୟୀ ନିର୍ଦ୍ଦେଶ ଦେବାର ସୁବିଧା ପ୍ରଦାନ କରିବ। ଗ୍ରାହକମାନେ ଡଞ୍ଜଚ, ଗଟଓଘ କିମ୍ବା ବାୟୋମେଟ୍ରିକ୍ସ ଭଳି ସମର୍ଥିତ ପ୍ରମାଣୀକରଣ ପ୍ରଣାଳୀ ବ୍ୟବହାର କରି ନିଜ ବ୍ୟାଙ୍କର ଆପ୍ କିମ୍ବା ୱେବସାଇଟ୍ ମାଧ୍ୟମରେ ଥରେ ମ୍ୟାଣ୍ଡେଟ୍କୁ ଅନୁମୋଦନ କରିବେ। ଏହାପରେ ଜାରିକର୍ତ୍ତା ବ୍ୟାଙ୍କ ଏକ ୟୁନିକ୍ ମ୍ୟାଣ୍ଡେଟ୍ ନମ୍ବର ସୃଷ୍ଟି କରିବ। ଗ୍ରାହକ ଅନୁମୋଦନ କରିବା ପୂର୍ବରୁ, ମ୍ୟାଣ୍ଡେଟ୍ରେ ନିର୍ଦ୍ଧାରିତ କିମ୍ବା ସର୍ବାଧିକ ସୀମା ଥିବା ରାଶି, ପେମେଣ୍ଟର ତାରିଖ କିମ୍ବା ଆବୃତ୍ତି ଏବଂ ବୈଧତା ଅବଧି ସ୍ପଷ୍ଟ ଭାବେ ଉଲ୍ଲେଖ ରହିବ। ବ୍ୟାଙ୍କିଂ କନେକ୍ଟ ମ୍ୟାଣ୍ଡେଟର ସମ୍ପୂର୍ଣ୍ଣ ଜୀବନଚକ୍ରକୁ ସମର୍ଥନ କରେ। ଏଥିରେ ମ୍ୟାଣ୍ଡେଟ୍ ସୃଷ୍ଟି, ପେମେଣ୍ଟ କାର୍ଯ୍ୟକାରୀକରଣ, ରାଶି କିମ୍ବା ଶେଷ ତାରିଖରେ ସଂଶୋଧନ, ସ୍ଥଗିତ କରିବା, ପୁନଃ ଆରମ୍ଭ କରିବା, ବାତିଲ୍ କରିବା, ଗ୍ରାହକଙ୍କୁ ସୂଚନା ପ୍ରଦାନ ଏବଂ ସ୍ଥିତି ଯାଞ୍ଚ ଆଦି ସାମିଲ ରହିଛି। ଏହାପରେ ଗ୍ରାହକଙ୍କ ଦ୍ୱାରା ଅନୁମୋଦିତ ସର୍ତ୍ତ ଅନୁଯାୟୀ ଭବିଷ୍ୟତର ପେମେଣ୍ଟଗୁଡ଼ିକ ସ୍ୱୟଂଚାଳିତ ଭାବେ କରାଯାଇପାରିବ। ଗ୍ରାହକ ସୁରକ୍ଷା ପଦକ୍ଷେପ ଭାବେ, ନିର୍ଦ୍ଧାରିତ ଡେବିଟ୍ର ୪୮ ଘଣ୍ଟା ପୂର୍ବରୁ ଏଗ୍ରିଗେଟର୍ ବ୍ୟାଙ୍କକୁ ସୂଚିତ କରିବ। ଏହାପରେ ବ୍ୟାଙ୍କ ଡେବିଟ୍ର ଅତି କମ୍‌ରେ ୨୪ ଘଣ୍ଟା ପୂର୍ବରୁ ଗ୍ରାହକଙ୍କୁ ସୂଚିତ କରିବ।

# ବିସିସିଆଇର ପାଳି ପଡିଲାନି : ୩୦ କ୍ରୀଡାକୁ ଏନ୍‌ଏସ୍‌ଏଫ୍ ଅନୁମୋଦନ

**କଟକ,୧୨।୯ :** ଦେଶର ୩୦ଟି ପ୍ରମୁଖ କ୍ରୀଡା ସଂଘକୁ ନ୍ୟାସନାଲ ସ୍ପୋର୍ଟସ ଫେଡେରେସନ୍ସ (ଏନ୍‌ଏସ୍‌ଏଫ) ସ୍ୱୀକୃତି ମିଳିଛି। ଏହି କ୍ରୀଡା ସଂସ୍ଥାମାନ ଏନ୍‌ଏସ୍‌ଏଫ୍ ଗାଇଡଲାଇନ ଅନୁସାରେ ପରିଚାଳିତ ହେବେ। କେନ୍ଦ୍ର ଯୁବ ବ୍ୟପାର ଓ କ୍ରୀଡା ମନ୍ତ୍ରାଳୟର ସରକାରୀ ୱେବସାଇଟ୍‌ରେ ଏହି ତଥ୍ୟ ଶନିବାର ଦିନ ସାର୍ବଜନୀନ କରାଯାଇଥିବା ବେଳେ ଦେଶ ତଥା ବିଶ୍ୱର ଲୋକପ୍ରିୟ ଖେଳ କ୍ରିକେଟ୍‌କୁ ପରିଚାଳନା କରୁଥିବା 'ବୋର୍ଡ ଅଫ୍ କଣ୍ଟ୍ରୋଲ ଫର୍ କ୍ରିକେଟ୍ ଇନ ଇଣ୍ଡିଆ' (ବିସିସିଆଇ) ଏନଏସ୍‌ଏଫ ଅଧିନକୁ ନ ଯିବା ନେଇ ପ୍ରଶ୍ନ ଉଠିଛି।

କେନ୍ଦ୍ର ସରକାରଙ୍କ ଯୁବ ବ୍ୟପାର ଓ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ତଥ୍ୟ ଅନୁସାରେ, ୨୦୨୬ବର୍ଷ ପାଇଁ ସ୍ୱୀକୃତି ପାଇଥିବା ସଂଘ ମାନଙ୍କ ମଧ୍ୟରେ ରେସ୍‌ଲିଂ ଫେଡେରେସନ ଅଫ୍ ଇଣ୍ଡିଆ, କୁଡୋ ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ଇଣ୍ଡିଆ, କର୍ଫବଲ ଫେଡେରେସନ ଅଫ୍ ଇଣ୍ଡିଆ, ଆମେଚର ସଫ୍ଟବଲ ଫେଡେରେସନ ଅଫ୍ ଇଣ୍ଡିଆ, ସ୍କୁଲ ଗେମ୍ସ ଫେଡେରେସନ ଅଫ୍ ଇଣ୍ଡିଆ, ଖୋଖୋ ଫେଡେରେସନ ଅଫ୍ ଇଣ୍ଡିଆ, ଇଣ୍ଡିଆନ ପେନକକ୍ ଫେଡେରେସନ ଅଫ୍ ଇଣ୍ଡିଆ, ଜୁଡୋ ଫେଡେରେସନ ଅଫ୍ ଇଣ୍ଡିଆ, ଫେଡେରେସନ ଅଫ୍ ମଟର ସ୍ପୋର୍ଟସ କ୍ଲବ ଇନ୍ ଇଣ୍ଡିଆ, ସର୍ଫିଂ ଫେଡେରେସନ ଅଫ୍ ଇଣ୍ଡିଆ, ୟ୍ୟାଚିଂ ଆସୋସିଏସନ ଅଫ ଇଣ୍ଡିଆ, ସ୍ପେସାଲ ଅଲିମ୍ପିକ ଭାରତ, ନ୍ୟାସନାଲ ରାଇଫଲ ଆସୋସିଏସନ ଅଫ୍ ଇଣ୍ଡିଆ, ନେଟବଲ ଫେଡେରେସନ ଅଫ୍ ଇଣ୍ଡିଆ, ଇଣ୍ଡିଆନ ଟ୍ରାଏଥଲନ ଫେଡେରେସନ, ଇଣ୍ଡିଆନ ରଗବି ଫୁଟବଲ ୟୁନିୟନ, ଇଣ୍ଡିଆନ ପୋଲୋ ଆସୋସିଏସନ, ଇଣ୍ଡିଆ କାଇକିଂ ଆଣ୍ଡ କାନୋଇଂ ଆସୋସିଏସନ ଅଫ୍ ଇଣ୍ଡିଆ, ଫେନ୍‌ସିଂ ଆସୋସିଏସନ ଅଫ୍ ଇଣ୍ଡିଆ, ଅଲ ଇଣ୍ଡିଆ ସ୍ପୋର୍ଟସ କାଉନସିଲ ଫର ଦି ଡେଫ, ବିଲିୟାର୍ଡସ ଆଣ୍ଡ ସ୍ନୁକର ଫେଡେରେସନ ଅଫ୍ ଇଣ୍ଡିଆ, ବ୍ରିଜ ଫେଡେରେସନ ଅଫ୍ ଇଣ୍ଡିଆ, ବାସ୍କେଟବଲ ଫେଡେରେସନ ଅଫ୍ ଇଣ୍ଡିଆ, ବ୍ୟାଡମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆ, ସୁଇମିଂ ଫେଡେରେସନ ଅଫ ଇଣ୍ଡିଆ, ହକି ଇଣ୍ଡିଆ, ରୋଇଂ ଫେଡେରେସନ ଅଫ୍ ଇଣ୍ଡିଆ, ୟୁସୁ ଆସୋସିଏସନ୍ ଅଫ୍ ଇଣ୍ଡିଆ, ଅଲ ଇଣ୍ଡିଆ ଚେସ୍ ଫେଡେରେସନ, ସ୍କ୍ୱାସ୍ ରାକେଟ୍‌ସ ଫେଡେରେସନ ଅଫ୍ ଇଣ୍ଡିଆ ରହିଛନ୍ତି। ଏହି ସବୁ କ୍ରୀଡା ସଂଘ ଏନ୍?ଏସ୍?ଜି ଆଧାରରେ ପରିଚାଳିତ ହେବ।

କିନ୍ତୁ ବିଶ୍ୱର ସବୁଠୁ ଧନୀ କ୍ରିକେଟ୍ ପରିଚାଳନା ସଂସ୍ଥା 'ବୋର୍ଡ ଅଫ୍ କଣ୍ଟ୍ରୋଲ ଫର୍ କ୍ରିକେଟ୍ ଇନ୍ ଇଣ୍ଡିଆ (ବିସିସିଆଇ) ସମେତ ବିଭିନ୍ନ ରାଜ୍ୟ କ୍ରିକରେଟ୍ ଏନଏସ୍‌ଜି ଆକ୍ଟ ଅଧୀନକୁ ଆସୁନାହିଁ କିମ୍ବା ଏନ୍‌ଏସ୍‌ଏଫ୍ ଦ୍ୱାରା ଅନୁମୋଦନ ଲାଭ କରିନାହିଁ। ଏହା ଫଳରେ ବିସିସିଆଇ ସମେତ ରାଜ୍ୟ କ୍ରିକେଟ ସଂଘଗୁଡିକ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ଏଥି ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ବିସିସିଆଇ ସମେତ ବିଭିନ୍ନ କ୍ରୀଡା ସଂଘ ମଧ୍ୟରେ ଚାଲିଥିବା ୨ଶହରୁ ଅଧିକ ମାମଲା ବିଚାରାଧୀନ ରହିଛି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
**Editor: Bibhuti Bhushan Mahapatra** ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର